ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.237 Bhubaneswar Wednesday November 09 2022 | ୨୫ତମ ବର୍ଷ ସଂଖ୍ୟା-୨୩୭ ଭୁବନେଶ୍ୱର, ବୁଧବାର, ନଭେମ୍ବର ୦୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଚିଠି ଖୋଲିଲା ରହସ୍ୟ, ୧୦ ମାସ ପରେ ମାଟି ତଳୁ ମିଳିଲା ଛାତ୍ରୀଙ୍କ କଙ୍କାଳ



ନୂଆପଡା ,୮।୧୧(ପି.ଏନ): ଛାତ୍ରୀ ନିଖୋଜ ହେବାର ଦଶ ମାସ ପରେ ଘରକୁ ଆସିଲା ବେନାମୀ ଚିଠି। ଆଉ ଚିଠି ଖୋଲିଲା ନିଖୋଜ ରହସ୍ୟ। ମାଟି ତଳୁ ବାହାରିଲା ନିଖୋଜ ଛାତ୍ରୀଙ୍କ କଙ୍କାଳ। ନୂଆପଡା ସଦର ଥାନା ପୁଲିସ୍ ଏହି ମାମଲାରେ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ହେଲେ ହତ୍ୟାର କାରଣ ଜଣାପଡି ନାହିଁ। ନୂଆପଡା ସଦର ଥାନା ରତିପାଲି ଗାଁର ଧନିରାମ ନାଏକଙ୍କ ଝିଅ ହିତେଶ୍ୱେରୀ କଲେଜରେ ପଢୁଥିଲେ। ୨୦୨୨ ଜାନୁଆରୀ ୩ ତାରିଖ ରାତିରେ ସେ କେଉଁଆଡ ଚାଲି ଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ପାଇନଥିଲେ। ପରେ ଏନେଇ ନୂଆପଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଚୁପ୍ ବସିଥିଲା।ହିତେଶ୍ୱେରୀ ନିଖୋଜ ହେବାର ୧୦ ମାସ ପରେ ଡାକରେ ଘରକୁ ଏକ ବେନାମୀ ଚିଠି ଆସିଲା। ସେହି ଚିଠିରେ ରହିଥିଲା ବିସ୍ଫୋରକ ତଥ୍ୟ। ହିତେଶ୍ୱେରୀଙ୍କୁ ହତ୍ୟା କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ପରିବାର ଲୋକେ ସେହି ଚିଠିକୁ ଧରି ଥାନାରେ ପହଞ୍ଚି ଥିଲେ। ପୁଲିସ ଚିଠିକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରିଥିଲା। ଚିଠିରେ ଲେଖାଯାଇଥିବା ଯୁବକଙ୍କ ପାଖରେ ପୁଲିସ୍ ପହଞ୍ଚିଥିଲା। ସେମାନଙ୍କୁ ଘନ ଘନ ଜେରା କରିଥିଲା। ଜେରା ବେଳେ ୬ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ଏହା ପରେ ପୁଲିସ୍ ୬ ଅଭିଯୁକ୍ତଙ୍କୁ ଧରି ରତିପାଲି ଗାଁରେ ପହଞ୍ଚିଥିଲା। ଆଉ ଧାନ ବିଲରେ ପୋତା ଯାଇଥିବା ହିତେଶ୍ୱେରୀଙ୍କ ନରକଙ୍କାଳ ଉଦ୍ଧାର କରିଥିଲା। ପରେ ୬ ଜଣଙ୍କୁ ନେଇ ଘଟଣାର ସିନ୍ ରିକ୍ରିଏସନ କରିଥିଲା ପୁଲିସ୍ ?। ତେବେ କେଉଁ କାରଣର ଏପରି କାଣ୍ଡ ଘଟାଇଲେ, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ। ହତ୍ୟାକାରୀଙ୍କୁ ଫାଶି ଦେବାକୁ ପରିବାର ଲୋକ ଦାବି କରିଛନ୍ତି। ତଦନ୍ତ ଚାଲୁ ଥିବାରୁ ପୁଲିସ କୌଣସି ମତାମତ ଦେବାକୁ ମନା କରିଛି।୧୦ ମାସ ତଳେ ଘଟିଥିଲା ହତ୍ୟାକାଣ୍ଡ। ଏତେଦିନ ଯାଏଁ କ'ଣ କରୁଥିଲା ପୁଲିସ୍ ପୁଲିସ୍ ତଦନ୍ତ କରୁଥିଲା ନା ମାମଲା ରୁଜୁ କରି ଚୁପ୍ ? ବସିଥିଲା। ଅନ୍ୟପକ୍ଷରେ ପରିବାର ଲୋକଙ୍କ ପାଖକୁ ଆସିଥିବା ବେନାମୀ ଚିଠି ପଠାଇଲା କିଏ ସିଏ କାହିଁକି ନିଜ ନାଁ ଗୁପ୍ତ ରଖିବାକୁ ଚାହୁଁଥିଲେ କ'ଣ ତାଙ୍କର ପୁଲିସ ଉପରେ ଭରସା ନାହିଁ କି ୧୦ ମାସ ପରେ ମୃତଦେହ ମିଳିବା ପରେ ପୁଲିସ ଏମିତି ନାନା ପ୍ରଶ୍ନବାଚୀ ଭିତରେ ଛନ୍ଦି ହୋଇ ପଡିଛି।

## ୧୦ରେ ଓଡିଶା ଆସିବେ ରାଷ୍ଟ୍ରପତି, ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଯାଂଚ କଲେ ସିପି



ଭୁବନେଶ୍ୱର, ୮।୧୧(ପି.ଏନ): ଆସନ୍ତା ୧୦ ତାରିଖରେ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୋଲିସ କମିଶନର, ଡିସିପି, ବିମାନବନ୍ଦର ନିର୍ଦ୍ଦେଶକ ଓ ସିଆରପିଏଫ ଅଧିକାରୀ । ବ୍ଲୁ ବୁକ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସୁରକ୍ଷା ଲାଗି ମୁତୟନ ହେବେ ୫୫ ପ୍ଲାଟୁନ ପୋଲିସ ଫୋର୍ସ। ଏହା ସହ ୩୦୦ ଜଣ ବରିଷ୍ଠ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ ।ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଭୁବନେଶ୍ୱରରେ ରାଷ୍ଟ୍ରପତିଙ୍କ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ସେ ସବୁ ସ୍ଥାନରେ ମଧ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଆସନ୍ତାକାଲି ଫୁଲ୍ ଡ୍ରେସ ରିହଲସଲ କରାଯିବ। ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ ଅନର ଦେବା ପାଇଁ ରିହଲସଲ କରାଯାଇଛି ।ସେହିପରି ଭୁବନେଶ୍ୱରରେ ପହଂଚିବା ପରେ ୧୦ ତାରିଖରେ ହିଁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରୀ ଗସ୍ତରେ ଯିବେ। ରାଷ୍ଟ୍ରପତି ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କର ଦର୍ଶନକରି ସାନିଧ ପ୍ରାପ୍ତି କରିବାର କାର୍ଯ୍ୟସୂଚୀ ଥିବା ବେଳେ ଆଜି କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ ଶ୍ରୀମନ୍ଦିର, ରାଜ ଭବନ ଓ ହେଲିପ୍ୟାଡ଼ ଆଦି ସମସ୍ତ ସ୍ଥାନର ସୁରକ୍ଷା ବ୍ୟବସ୍ଥା ଯାଂଚ କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ସହ ଆସନ୍ତାକାଲି କାରକେଡ ରିହଲସଲ କରାଯିବା ନେଇ କହିଛନ୍ତି କେନ୍ଦ୍ରାଂଚଳ ଆଇଜି।

## ପ୍ରଫେସର କିଶୋର ବସା



ବାରିପଦା,୮।୧୧(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର ବସାଙ୍କୁ କେନ୍ଦ୍ର ସରକାର ଜାତୀୟ ସ୍ମାରକୀୟ ପ୍ରାଧିକରଣର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି । କେନ୍ଦ୍ର ସଂସ୍କୃତି ବିଭାଗ ସଚିବ ଶୋଭାରାଣୀ ଡିରୁ ଏ ନେଇ ପ୍ରଫେସର ବସାଙ୍କୁ ଚିଠି ମାଧମରେ ଜଣାଇଛନ୍ତି ।

କେନ୍ଦ୍ର ସରକାର ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଏହି ସଂସ୍ଥାର ଅଧକ୍ଷ ହେବାରେ ପ୍ରଫେସର ବସା ହେଉଛନ୍ତି ପ୍ରଥମ ଓଡ଼ିଆ । ଖବର ଜଣାପଡ଼ିବା ପରେ ବିଭିନ୍ନ ସ୍ତରରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ର/ଛତ୍ରୀଙ୍କ ମଧରେ ଖୁସିର ଲହରି ଖେଳିଯାଇଛି ।

### ୩ ବିଜେପି ନେତାଙ୍କୁ ପଦ୍ମପୁର ଦାୟିତ୍ୱ

ଭୁବନେଶ୍ୱର, ୮।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନ ପାଇଁ ୩ ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଛି ବିଜେପି। ସାଂସଦ ସୁରେଶ ପୂଜାରୀ, ବସନ୍ତ ପଣ୍ଡା ଓ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ ପଦ୍ମପୁର ଦାୟିତ୍ୱ ଦିଆଯାଇଛି। ନିର୍ବାଚନ ବେଳେ ସମସ୍ତ ବିଧାୟକଙ୍କ ସମେତ ପଶ୍ଚିମ ଓଡିଶାର ନେତାମାନଙ୍କୁ ସେଠାରେ ରହିବାକୁ କୁହାଯାଇଛି ।

## ମୋଦିଙ୍କ ବିମୁଦ୍ରୀକରଣ ନୀତି ସଂପୂର୍ଣ୍ଣ ଫେଲ ମାରିଛି : କଂଗ୍ରେସ

ଭୁବନେଶ୍ୱର, ୮।୧୧(ପି.ଏନ): ବିମୁଦ୍ରିକରଣର ୬ବର୍ଷ ଭିତରେ ଆତଙ୍କବାଦ କାର୍ଯ୍ୟକଳାପ, ମାଓ ଏବଂ ନକ୍ସଲ କାର୍ଯ୍ୟକଳାପ କମିବା ପରିବର୍ତ୍ତେ ବରଂ ଏହା ବହୁ ପରିମାଣରେ ବଢ଼ି ବଢ଼ି ଚାଲିଛି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ୨୦୧୬ ନଭେମ୍ବର ମାସ ୮ ତାରିଖ ରାତି ୮ଟା ସମୟରେ ଭାରତ ବର୍ଷର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରିକରଣ ଘୋଷଣା କଲେ। ଏହି ନିଷ୍ପତିଯୋଗୁ ସେହି ସମୟ ଠାରୁ ଦେଶରେ ପ୍ରଚଳିତ ୫ଶହ ଏବଂ ୧ ହଜାର ଟଙ୍କା ନୋଟ ତାହାର ବୈଦ୍ଧତା ହରାଇଲା। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବିମୁଦ୍ରିକରଣ ସମ୍ବନ୍ଧରେ ଉଦ୍‌ବୋଧନ ସମୟରେ ଦେଶରେ କଳାଧନ କାରବାରକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା, ଜାଲ ନୋଟ କାରବାରକୁ ବନ୍ଦ କରିବା ଏବଂ ଆତଙ୍କବାଦ କାର୍ଯ୍ୟକଳାପ ଓ ମାଓବାଦୀ କାର୍ଯ୍ୟକଳାପକୁ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା୩. କଳାଧନର କାରବାର ଯୋଗୁଁ ସମାନ୍ତରାଳ ଅର୍ଥନୀତିକୁ ବନ୍ଦ କରିବା। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ କହିଥିଲେ ବିଦେଶ ଓ ଦେଶରେ ଗଚ୍ଛିତ କଳାଧାନକୁ ଫେରାଇ ଆଣିବେ ଏବଂ ପ୍ରତ୍ୟେକ ଜନତାଙ୍କ ଖାତାକୁ ୧୫ଲକ୍ଷ ଟଙ୍କା ଡିପୋଜିଟ କରିବେ। କିନ୍ତୁ ଯେଉଁସବୁ କାରଣ ଯୋଗୁଁ ଏଭଳି ଅପରିଣାମଦର୍ଶୀ, ଜନବିରୋଧି ତଥା ଦେଶର ଅର୍ଥନୀତିକୁ ପଙ୍ଗୁ କରିବାପାଇଁ ଯେଉଁ ନିଷ୍ପତି ନେଇଥିଲେ ଆଜି ତାହା ଗୋଟିଏ ବି ଫଳବତି ହୋଇନାହିଁ। ବିମୁଦ୍ରିକରଣ ସମୟରେ ଭାରତ ବର୍ଷର ସମୁଦାୟ ଚଳନ୍ତି ମୁଦ୍ରାର ପରିମାଣ ୧୭.୭୨ ଲକ୍ଷ କୋଟି ଟଙ୍କା ଥିଲା ବୋଲି ଅର୍ଥମନ୍ତ୍ରଣାଳୟ ତଥା ରିଜର୍ବବ୍ୟାଙ୍କ ସୂତ୍ରରୁ ପ୍ରକାଶ। କିନ୍ତୁ ଆଜି ବିମୁଦ୍ରୀକରଣର ୬ ବର୍ଷପରେ ଚଳନ୍ତି ମୁଦ୍ରାର ପରିମାଣ ଅକ୍ଟୋବର ୩୧, ୨୦୨୨ ସୁଦ୍ଧା ୩୦ଲକ୍ଷ ୮୮ ହଜାର ଟଙ୍କା ବୋଲି ରିଜର୍ବବ୍ୟାଙ୍କ ସୂତ୍ରରୁ ପ୍ରକାଶ। ତେଣୁ କାହା ସ୍ୱାର୍ଥରେ ଏଭଳି ଏକ ଭୁଲ ନିଷ୍ପତି ନରେନ୍ଦ୍ର ମୋଦିଙ୍କ ସରକାର ନେଇଥିଲେ କେବଳ ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବା ଏବଂ ନିଜ ଦଳ, ନେତା ଓ ପୁଞ୍ଜିପତି ବନ୍ଧୁମାନଙ୍କୁ ସ୍ୱାର୍ଥକୁ ପୂରଣ କରିବାପାଇଁ ଏ ନିଷ୍ପତି ନିଆଯାଇଥିଲା ବୋଲିକି ଆଜି କଂଗ୍ରେସ ପ୍ରଶ୍ନ କରୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଦୁଃଖ ପ୍ରକାଶ କରନ୍ତୁ ଏବଂ ଭୁଲକୁ ସ୍ୱୀକାର କରନ୍ତୁ।

## ରୁପ୍ ନାରାୟଣ ସୁନକର ହେଲେ ପୂର୍ବ ତଟ ରେଳପଥର ନୂତନ ମହାପ୍ରବନ୍ଧକ

ଭୁବନେଶ୍ୱର, ୮।୧୧(ପି.ଏନ): ୧୯୮୫ ବ୍ୟାଚ୍ ର ଭାରତୀୟ ରେଳ ଇଞ୍ଜିନିୟରିଂ ସେବା (ଆଇଆରଏସ୍‌ଇ) ର ଅଧିକାରୀ ଶ୍ରୀ ରୁପ ନାରାୟଣ ସୁନକର ସୋମବାର ଦିନ ମହାପ୍ରବନ୍ଧକ ଭାବରେ ପୂର୍ବ ତଟ ରେଳପଥରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଶ୍ରୀ ସୁନକର ବିଲାସପୁରରେ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଭାବରେ କାର୍ଯ୍ୟ କରୁଥିଲେ। ସେ ପଶ୍ଚିମ କେନ୍ଦ୍ରୀୟ ରେଳବାଇରେ ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ସିପିଡି) / ବ୍ରିଜ୍ ୱାର୍କ, ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ) / ରତଲମ ରେଳ ମଣ୍ଡଳରେ, ଉତର କେନ୍ଦ୍ରୀୟ ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ବ୍ରିଜ ଇଞ୍ଜିନିୟର, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଭାବରେ ମଧ କାର୍ଯ୍ୟ କରିଥିଲେ ।ଭୋପାଳର ବରକାତୁଲ୍ଲା ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ ସ୍ନାତକ ସମାପ୍ତ କରିବା ପରେ ଶ୍ରୀ ସୁନକର ୧୯୮୫ ରେ ଭାରତୀୟ ରେଳବାଇରେ ଯୋଗ ଦେଇଥିଲେ କ୍ଷ ପ୍ରକଳ୍ପ ନିର୍ମାଣ ଏବଂ କାର୍ଯ୍ୟକ୍ଷମ କରିବାରେ ତାଙ୍କର ବହୁ ଅଭିଜ୍ଞତା ରହିଛି । ଶ୍ରୀ ସୁନକରଙ୍କ ତତ୍ୱାବଧାନରେ ୨୦୨୦-୨୧ ମସିହାରେ, ୨୨୮ କିଲୋମିଟର ରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା ଯେଉଁଥିରେ ନୂତନ ଲାଇନ ଏବଂ ଦୋହରୀକରଣ ଓ ତୃତୀୟ ଲାଇନ କାର୍ଯ୍ୟକ୍ଷମ ତାଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ।ଏହା ବ୍ୟତୀତ ବ୍ରିଜ୍ ୱାର୍କ ପରି ଭିତ୍ତିଭୂମି ନିର୍ମାଣ ଓ ରକ୍ଷଣାବେକ୍ଷଣ ଏବଂ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିବା ସହିତ ଅନ୍ୟାନ୍ୟ ପ୍ରକଳ୍ପର କାର୍ଯ୍ୟକାରିତା ଯୋଗୁଁ ତାଙ୍କୁ ସମସ୍ତ କୋଣରୁ ପ୍ରଶଂସା କରାଯାଇଛି ।ବ୍ରିଜ୍ ୱାର୍କରେ ଉଜ୍ଜ୍ୱଳ ଜ୍ଞାନ ଏବଂ ଦକ୍ଷତା ଥିବା ଶ୍ରୀ ସୁନକର ଅତ୍ୟଧିକ ପ୍ରତିବଦ୍ଧ ଏବଂ ନିଷ୍ଠାପର ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରି ସର୍ବଦା ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିବାବେଳେ ଅଧିକ ବହନ କରିବାକୁ ଇଚ୍ଛୁକ ଥାନ୍ତି । ସେ ମଧ ଅତ୍ୟଧିକ ପ୍ରେରଣାଦାୟକ ଅଧିକାରୀ ଯିଏ ଅତୁଳନୀୟ ନେତୃତ୍ୱ ଦକ୍ଷତା ପ୍ରଦର୍ଶନ କରନ୍ତି ଏବଂ ବିଶ୍ୱସ୍ତତା ଅର୍ଜନ କରନ୍ତି । ପ୍ରତ୍ୟେକ କାର୍ଯ୍ୟକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ଶ୍ରୀ ସୁନକର ସର୍ବଦା ଭାରତୀୟ ରେଳବାଇର ଲକ୍ଷ୍ୟାଧର୍ଯ୍ୟ ପୂରଣ କରିବାରେ ଚେଷ୍ଟା କରିଥାନ୍ତି । ଭିତିଭୂମି / ସମ୍ପତିର ରକ୍ଷଣାବେକ୍ଷଣ ପାଇଁ ଶ୍ରୀ ସୁନକର ସର୍ବଦା ପ୍ରତିବଦ୍ଧତା ବଜାୟ ରଖିଛନ୍ତି ।ବିଟେକରେ ଡିଗ୍ରୀ ବ୍ୟତୀତ ଭିତିଭୂମି / ସମ୍ପତିର ନିର୍ମାଣ

## ପଦ୍ମପୁର ଉପନିର୍ବାଚନ: କଂଗ୍ରେସ ଭୋଟ୍ ଉପରେ ବିଜେଡିର ଆଖି




ଭୁବନେଶ୍ୱର,୮।୧୧(ପି.ଏନ): ଧାମନଗର ଉପନିର୍ବାଚନରେ ଶକ୍ତ ପରାଜୟ ପରେ ବିଜେଡି ପାଇଁ ପଦ୍ମପୁର ଉପନିର୍ବାଚନ ଜିତିବା ଏବେ ସମ୍ମାନର ପ୍ରଶ୍ନ ପାଲଟିଛି । ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ପତ୍ନୀ ତିଳୋତ୍ତମାଙ୍କୁ ମଇଦାନକୁ ଓହ୍ଲାଇ ସହାନୁଭୂତି ଭୋଟ୍ ପାଇବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଥିଲେ ମଧ ପଦ୍ମପୁର ନିର୍ବାଚନମଣ୍ଡଳୀର ସ୍ଥାନୀୟ ସାମାଜିକ ଓ ରାଜନୀତିକ ସମୀକରଣକୁ ନେଇ ଗୁଇନ୍ଦା ରିପୋର୍ଟ ଏବେ ବିଜେଡି ନେତୃତ୍ୱଙ୍କୁ ଚିନ୍ତାରେ ପକାଇଛି । ଯେଉଁଥିପାଇଁ ଦଳ ଏବେ କଂଗ୍ରେସ ଭୋଟ୍ ବ୍ୟାଙ୍କରେ ବଡଧରଣର ଛିଦ୍ର କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଯୋଜନା କରିଥିବା ଜଣାପଡିଛି । ସୂଚନା ଅନୁସାରେ, ପଦ୍ମପୁର ବିଧାନସଭା ଆସନ ଶେଷଥର ପାଇଁ ୨୦୦୪ରେ ୫ବର୍ଷ ନିମନ୍ତେ କଂଗ୍ରେସ ପାଖରେ ଥିଲା । କଂଗ୍ରେସର ବରିଷ୍ଠ ନେତା ସତ୍ୟଭୂଷଣ ସାହୁ ପ୍ରାୟ ୧୯ବର୍ଷ ପରେ ଏହି ଆସନକୁ ବିଜେଡିଠୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ । କିନ୍ତୁ ପରିବର୍ତ୍ତିତ ରାଜନୀତିକ ପରିସ୍ଥିତିରେ କଂଗ୍ରେସ ସେଠାରେ କ୍ରମାଗତ ଦୁର୍ବଳ ହେବାରେ ଲାଗିଥିଲେ ମଧ ଦଳ ପାଖରେ ପ୍ରାୟ ୩୦ହଜାର ଭଳି ଭୋଟ୍ ଗତ ଏକ ଦଶନ୍ଧି ଧରି ରହିଛି । ୨୦୧୪ ନିର୍ବାଚନରେ ପ୍ରକାଶ ନାରାୟଣ ତ୍ରିପାଠୀ କଂଗ୍ରେସ ପ୍ରାର୍ଥୀ ହୋଇ ୩୧୧୭୯ ଖଣ୍ଡ ଭୋଟ(୧୭.୪୯%) ପାଇଥିବାବେଳେ ୨୦୧୯ରେ ସତ୍ୟଭୂଷଣ ସାହୁ କଂଗ୍ରେସ ଟିକେଟରେ ଲ?୩୨୮୭ ଖଣ୍ଡ ଭୋଟ (୧୬.୨୫%) ପାଇଥିଲେ । ଯଦିଓ ୨୦୦୯ ନିର୍ବାଚନରେ କଂଗ୍ରେସକୁ ୪୯୪୪୭ଖଣ୍ଡ ଭୋଟ୍ ( ୩୨.୪୧%) ଭୋଟ୍ ମିଳିଥିଲା ।୨୦୦୯ରେ ପଦ୍ମପୁର ଆସନରେ ବିଜେଡି ଓ କଂଗ୍ରେସ ମଧରେ ସିଧାସଳଖ ଲଢ଼େଇ ଥିବାବେଳେ ୨୦୧୪ ଓ ୨୦୧୯ରେ ବିଜେଡି ଓ ବିଜେପି ମଧରେ ଲ??ଇ ହୋଇଛି। ଆଉ ୨୦୦୯ ଓ ୨୦୧୯ରେ ଏହି ଆସନ ବିଜେଡିର ବିଜୟ ରଞ୍ଜନ ସିଂ ବରିହାଙ୍କୁ ଯାଇଥିବାବେଳେ ୨୦୧୪ରେ ପ୍ରଦୀପ ପୁରୋହିତଙ୍କୁ ଯାଇଥିଲା ।ଆଉ ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପି ଓ ବିଜେଡି ମଧରେ ଜିତିବାର ଭୋଟ୍ ବ୍ୟବଧାନ ମାତ୍ର ସା?? ୪ହଜାରୁ ୬ହଜାର ମଧରେ ରହିଥିଲା । ଅବଶ୍ୟ ୨୦୦୯ରୁ ନିର୍ବାଚନ ମଇଦାନରେ ଥିବା ଶ୍ରୀ ପୁରୋହିତ ସେଠାରେ ବିଜେପି ସଂଗଠନକୁ ସୁଦୃ? କରିବାରେ ସକ୍ଷମ ହୋଇଛନ୍ତି । ପଦ୍ମପୁରରେ ବିଜେପିର ଦୃଢ଼ ସଂଗଠନ, ସ୍ଥାନୀୟ ସାମାଜିକ ଓ ରାଜନୀତିକ ସମସ୍ୟା ଏବଂ ଧାମନଗର ପରାଜୟକୁ ଦୃଷ୍ଟିରେ ରଖି ବିଜେଡି ଏବେ କଂଗ୍ରେସର ଭୋଟବ୍ୟାଙ୍କରେ ଛିଦ୍ର ପାଇଁ ଉଦ୍ୟମ ଆରମ୍ଭ କରିଛି । ପଦ୍ମପୁରରେ କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କୁ ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ ଦଳରେ ସାମିଲ କରାଇ ନିଜର ଆସନକୁ ସୁରକ୍ଷିତ ରଖିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି । ବିଜେଡି ନେତୃତ୍ୱ ଏବେ ସେ ଦିଗରେ ବ୍ୟାକଡୋରରେ ଚର୍ଚ୍ଚା ଆରମ୍ଭ କରିଥିବା ଜଣାପଡିଛି । ଦୀର୍ଘଦିନ ଧରି କଂଗ୍ରେସ ପଦ୍ମପୁରରେ ଦିଗହରା ହୋଇଥିବାରୁ ସେହି ଭୋଟଗୁଡିକୁ ଆଣିବା ବିଜେଡି ପାଇଁ ବିଶେଷ କଷ୍ଟକର ହେବନି । ଯଦିଓ ବିଜେପି ମଧ ସେହି ଭୋଟଗୁଡିକ ଉପରେ ନଜର ପକାଇଛି । ପଦ୍ମପୁରରେ ଉଭୟ କୁଲତା ଓ ବିଞ୍ଝାର ସମୁଦାୟ ସମେତ ପ୍ରାୟ ୨୮ ପ୍ରତିଶତ ଭୋଟର ଥିବା ଅନୁସୂଚିତ ଜନଜାତି ବର୍ଗ ପାଖରେ କଂଗ୍ରେସର ଭୋଟବ୍ୟାଙ୍କ ରହିଛି । ତେଣୁ କଂଗ୍ରେସର ସେହି ପକେଟ୍ ଭୋଟକୁ ନଆଣିଲେ ବିଜେଡି ସେଠାରେ ଯାହାକୁ ବି ପ୍ରାର୍ଥୀ କଲେ ଜିତିବାର ସମ୍ଭାବନା କ୍ଷୀଣ ବୋଲି ରାଜନୀତିକ ମହଲରେ ଆକଳନ ହେଉଛି ।ସୂଚନାଯୋଗ୍ୟ, ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଗତ ଦୁଇ ସପ୍ତାହ ପୂର୍ବରୁ ଦଳର ବରିଷ୍ଠ ନେତା ତଥା ମନ୍ତ୍ରୀଙ୍କୁ ଦାୟିତ୍ୱ ବଂଟନ କରିସାରିଥିଲା । ନିର୍ବାଚନମଣ୍ଡଳୀର ୩ଟି ବ୍ଲକର ୮ଟି ଜୋନ୍ ଓ ଗୋଟିଏ ଏନଏସିର ୧୧ଟି ୱାର୍ଡରେ ନିଜର ପ୍ରାରମ୍ଭିକ କସରତ କରି ରିପୋର୍ଟ ଦେଇସାରିଛି । ପାଇକମାଳ ବ୍ଲକ ଦାୟିତ୍ୱରେ ମନ୍ତ୍ରୀ ନବ ଦାସ, ଝାରବନ୍ଧ ବ୍ଲକ ଦାୟିତ୍ୱରେ ରାଜେନ୍ଦ୍ର ଢୋଲକିଆ ଓ ପୁଷ୍ପ?ନ୍ଦ୍ର ସିଂହଦେଓ, ପଦ୍ମପୁର ବ୍ଲକ ପାଇଁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ପଦ୍ମପୁର ଏନଏସି ପାଇଁ ସୁଶାନ୍ତ ସିଂଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ଏପରିକି ସୁଶାନ୍ତ ସିଂଙ୍କୁ ପଦ୍ମପୁର ଉପନିର୍ବାଚନ ପରିଚାଳନାର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ଧାମନଗରରେ ଦଳର ଶକ୍ତ ପରାଜୟ ପରେ ବିଜେଡି ନିଜର ରଣନୀତିରେ ପରିବର୍ତ୍ତନ କରି ଅଚାନକ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଉପନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ସାମିଲ କରିଛି । ଆଉ ଦଳରେ ବଢୁଥିବା ଅସନ୍ତୋଷକୁ ପ୍ରଶମିତ କରିବା ନିମନ୍ତେ ଏକ ସନ୍ଦେଶ ଦେବାକୁ ପ୍ରୟାସ ହୋଇଛି । ତେବେ ପ୍ରସନ୍ନ ଓ ସୁଶାନ୍ତଙ୍କ ମଧରେ ଦୀର୍ଘବର୍ଷ ଧରି ଛକାପଞ୍ଝା ଲାଗି ରହିଥିବାରୁ ପ୍ରସନ୍ନଙ୍କୁ ଗଣମାଧମରେ ଆଗରେ ରଖି ବିଜେଡିର ପ୍ରଭାବଶାଳୀ ଗୋଷ୍ଠୀର ସହଯୋଗରେ ସୁଶାନ୍ତ ଏକତରଫା ଭାବେ ପଦ୍ମପୁର ଉପନିର୍ବାଚନ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି ।

## ନବୀନ ଓ ମୋଦି ସରକାର ରାଜ୍ୟ ପ୍ରଗତୀର ବାଧକ- ଶରତ ପଟ୍ଟନାୟକ, ଭଦ୍ରକରେ 'ଭାରତ ଯୋଡ଼-ଓଡିଶା' ପରିବର୍ତ୍ତନ ଯାତ୍ରା

ଭଦ୍ରକ, ୮।୧୧(ପି.ଏନ): ଓଡିଶାର ଦୀର୍ଘ ୨୨ ବର୍ଷର ସରକାର ଓ ନରେନ୍ଦ୍ର ମୋଦୀଙ୍କ ୮ବର୍ଷର ସରକାର ଓଡିଶା ପ୍ରଗତୀରେ ଅନ୍ତରାୟ ସାଜିଛନ୍ତି। ନବୀନ ସରକାର ନିରବଛିନ୍ନ ଭାବରେ ଦୁଇ ଦଶନ୍ଧିରୁ ଅଧିକ କାଳ ଶାସନ କରିବା ପରେ ମଧ ଆଜି ଓଡିଶାର ଯୁବବର୍ଗ. କୃଷକ, ଶ୍ରମିକ, ମହିଳା ସ୍ୱଳ୍ପ ଆୟକାରୀ ବର୍ଗ, ମଧ ଆୟକାରୀ ବର୍ଗ ସମାନ୍ୟ ସବୁଧାରୁ ବଂିତ ବୋଲି ଭାରତ ଯୋଡ଼-ଓଡ଼ିଶା ପରିବ ନ ଯାତ୍ରାରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଭଦ୍ରକ ଠାରେ କହିଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ କହିଛନ୍ତିଯେ ରାଜ୍ୟରେ ଯୁବବର୍ଗ କର୍ମ ସଂସ୍ଥାନ ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଚାଷୀ ସେମାନଙ୍କ ହକ୍ ପାଉ ନାହିଁ। ମହିଳାମାନେ ନିର୍ଯ୍ୟାତିତ। ନାରୀ ନିର୍ଯ୍ୟାତନାରେ ଓଡିଶା ଦେଶରେ ପ୍ରଥମ। ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଚାଲିଛନ୍ତି। କିନ୍ତୁ ଏ ସମସ୍ତ ଯୋଜନା ଲୋକଙ୍କର କି ପରିବ ନ ଆଣିଲା ତା' ଉପରେ ଆଲୋଚନା କିମ୍ବା ପର୍ଯ୍ୟାଲୋଚନା ହେଉ ନାହିଁ। ରାଜ୍ୟରେ କୃଷକର ଆୟ ଭାରତ ବର୍ଷରେ ସର୍ବନିମ୍ନ। ତଥାପି ମୁଖ୍ୟମନ୍ତ୍ରୀ କହୁଛନ୍ତି କାଳିଆ ଯୋଜନା ଦ୍ୱାରା କୃଷକର ଆୟ ବହୁ ପରିମାଣରେ ବୃଦ୍ଧି ପାଇଛି। ପଡୋଶୀ ରାଜ୍ୟମାନେ ଧାନର ସର୍ବନିମ୍ନ ମୂଲ୍ୟ ୨୫ଶହ ଟଙ୍କା ହୋଇଥିବାବେଳେ, ଓଡିଶାରେ ସେହି ମୂଲ୍ୟ ପାଉନାହାନ୍ତି ଚାଷୀ। ଅଭାବୀ ବିକ୍ରି ଏହି ରାଜ୍ୟର ସର୍ବବୃହତ ସମସ୍ୟା। ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କର ନେତାମାନେ କହୁଥିଲେ ସୂର୍ଯ୍ୟ ଉଦୟ ଓଡିଶାରୁ ଆରମ୍ଭ ହେବ। ୮ବର୍ଷ ମଧରେ ସୂର୍ଯ୍ୟୋଦୟ ଦୂରର କଥା ସିନ୍ଦୁରା ବି ଫିଟିଲା ନାହିଁ। ଏହି ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଓଡିଶା ପଦଯାତ୍ରାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ରାଜ୍ୟର ଯୁବକ, କୃଷକ, ମହିଳା ଓ ଶ୍ରମିକଙ୍କ ସମସ୍ୟାକୁ ନେଇ ପ୍ରତିବାଦ କରିବା ଓ ସ୍ଥାନୀୟ ଅଂଚଳର ସମସ୍ୟା ସହିତ ଜଡ଼ିତ ହେବା। ଏଥି ସହିତ କେନ୍ଦ୍ରରେ ମୋଦି ସରକାର ଯେପରି ବିଭାଜନ ନୀତି ଆପଣାଉଛନ୍ତି, ତାହାକୁ ପ୍ରତିହତ କରିବା। ଯେ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ମୁହଁରେ ହସ ନଫୁଟିଛି ସେ ପର୍ଯ୍ୟନ୍ତ କଂଗ୍ରେସ ଚୁପ ହୋଇ ବସିବ ନାହିଁ। ଏ ଉଭୟ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ତେବେ ଭଣ୍ଡାରିପୋଖରୀରୁ ଆଜି ପୂର୍ବାହ୍ନରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ, ପ୍ରାକ୍ତନ ପିସିସି ମୁଖ୍ୟ ଜୟଦେବ ଜେନା, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ନବଜ୍ୟୋତି ପଟ୍ଟନାୟକ, ବନ୍ଦିତା ପରିଡ଼ା, ବାଙ୍କନିଧି ବେହେରା, ଜିଆ ଉଲ୍ଲ ହକ୍, ପଦ୍ମାକର ଗୁରୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ପଦଯାତ୍ରା ବାହାରି ଭଦ୍ରକରେ ପହ ିଥିଲା। ଆରଡ଼ି ଛକ ଠାରେ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ସାମଲ, ଅବଦୁଲ ମୋକିଦ ଖାନ, ରାଜନ ଲାହା, ପିତବାସ ଧଳ, ଅଶ୍ରଫ ଅଲ୍ଲୀ ଖାନ, ବିଜୟ ବାରିକ, ଗୋଲକ ମହାପାତ୍ର, ଗୟାଧର ସେଠୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ପଦଯାତ୍ରୀ ଦଳଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଏହି ପଦଯାତ୍ରା ମହାତାବ ଛକ, ଷ୍ଟେଟ୍ ବ୍ୟାଙ୍କ ଛକ, ଟାଉନ ହଲ ଛକ, ନୂଆବଜାର, ରାଜଘାଟ ଛକ ଦେଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପହ ିବା ପରେ ପଦଯାତ୍ରୀମାନେ ବିଶ୍ରାମ ନେଇଥିଲେ। ଅପରାହ୍ନ ୩ଟା ପରେ ଏହି ପଦଯାତ୍ରା ବାଇପାସ ଛକ, ଡାହାଣିଗଡ଼ିଆ ଛକ ଓ ଚରମ୍ପା ଦେଇ ଆଗକୁ ବଢ଼ିଥିଲା। ତେବେ ଦଳର ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅବଦୁଲ ସଲାମ, ରାଜୁ ରାୟ, ଟୋନୀ ଅଲ୍ଲୀ, ସେକ ସାହିଲ କାଦ୍ରୀ, ତନଭୀର ଖାନ, ଏନାମୁଲ ହକ୍, ଫେ ଆଲାମ, ରଂଜନ ଜେନା, ଇଲ୍ଲିୟାସ ଅଲ୍ଲୀ ଖାନ, ମିର୍ଜା ଏକ୍ରାମ ବେଗ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଡିଶାବାସୀ ଦେଖିଲେ ବର୍ଷର ଶେଷ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର, ୮।୧୧(ପି.ଏନ): କାର୍ତ୍ତିକ ପୂର୍ଣ୍ଣିମାରେ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଦେଖିଛନ୍ତି ଓଡିଶାବାସୀ। ଏହା ଥିଲା ଚଳିତ ବର୍ଷର ଶେଷ ଚନ୍ଦ୍ର ଗ୍ରହଣ। ସମୁଦାୟ ୧ ଘଂଟା ୧୨ ମିନଟ୍ ୪୮ ସେକଣ୍ଡ ଧରି ଚନ୍ଦ୍ର ଗ୍ରହଣ ଦୃଶ୍ୟମାନ ହୋଇଥିଲା। ରାଜଧାନୀ ଭୁବନେଶ୍ୱରରେ ଏହା ସନ୍ଧ୍ୟା ୫ଟା ୪୬ ମିନିଟ୍ ରୁ ଦୃଶ୍ୟମାନ ହୋଇଥିଲା। କେଉଁଠି ଆଂଶିକ ତ କେଉଁଠି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ପାଇଥିଲେ ଲୋକେ। ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, କୋରାପୁଟ ଓ ସମ୍ବଲପୁରରେ ବି ଦୃଶ୍ୟମାନ ହୋଇଥିଲା ଚନ୍ଦ୍ର ଗ୍ରହଣ। ସେହିପରି ଉତର ଆମେରିକା ଓ ଦକ୍ଷିଣ ଆମେରିକାର କିଛି ଅଂଶ ସହ ଏସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ବି ଚନ୍ଦ୍ର ଗ୍ରହଣ ସ୍ପଷ୍ଟ ଦୃଶ୍ୟମାନ ହୋଇଛି ।ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ୨୦୨୩ରେ ପରବର୍ତୀ ଚନ୍ଦ୍ରଗ୍ରହଣ ଓଡ଼ିଶାକୁ ଆଂଶିକ ଦୃଶ୍ୟମାନ ହେବ। ଏହା ସେତେବେଳେ ରାତି ୨ଟାରେ ହେବ। ଚନ୍ଦ୍ରଙ୍କର ମାତ୍ର ୧୦ ପ୍ରତିଶତ ଏହି ସମୟରେ ଦେଖିବାକୁ ମିଳିବ। ଯେତେବେଳେ କି ୨୦୨୫ ସେପଟ୍ମେର ୭ ତାରିଖରେ ହେବ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ।ଚନ୍ଦ୍ରଗ୍ରହଣ ପାଇଁ ଆଜି ଭୋର ୫ଟା ୫୦ରୁ ପାକ ତ୍ୟାଗ ହୋଇଥିଲା। ଅପରାହ୍ନ ୨ଟା ୩୮ରୁ ଗ୍ରହଣ ସ୍ପର୍ଶ ଆରମ୍ଭ ହୋଇଥିଲା ଓ ସନ୍ଧ୍ୟା ୬ଟା ୧୮ ମିନିଟ୍ ରେ ସର୍ବମୋକ୍ଷ ହୋଇଥିଲା। ଗ୍ରହଣ ସର୍ବମୋକ୍ଷ ପରେ ନଦୀ, ପୁଷ୍କରିଣୀରେ ସ୍ନାନ ଓ ପୂଜାର୍ଚ୍ଚନା ପାଇଁ ଭିଡ଼ ଲାଗିଥିଲା। ସେପଟେ ଗ୍ରହଣ ସରିବା ପରେ ପୁଣି ଘରେ ଘରେ ପାକ ପ୍ରସ୍ତୁତ ସହ ମନ୍ଦିର ଗୁଡ଼ିକରେ ଦେବନୀତି ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ଆଜି ଚନ୍ଦ୍ରଗ୍ରହଣ ପାଇଁ ବି ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା।

## ଅର୍ଥ ଅଭାବରୁ ଉଚ୍ଚଶିକ୍ଷାରୁ ବଂଚିତ ଅନାଥ ଭାଇ ଭଉଣୀ

କନ୍ଧମାଳ, ୮।୧୧(ପି.ଏନ): ପାଠ ପଢିବାକୁ ଭାରି ଇଛା, ହେଲେ ଅର୍ଥ ସାଜିଛି ବାଧକ। ଫଳରେ ପାଠରେ ଡୋରି ବାନ୍ଧି ବସିଛନ୍ତି ଦୁଇ ଅନାଥ ଭାଇ ଭଉଣୀ। ଏ ଦୁହେଁ ହେଲେ ଫୁଲବାଣୀ ବ୍ଲକ କେରେଡ଼ି ପଂଚାୟତ ଅନ୍ତର୍ଗତ କାମ୍ବାଗୁଡା ଗ୍ରାମର ବାବୁନା ଓ ଭଉଣୀ ଝୁମୁକା। ଏମାନେ ଛୋଟ ହୋଇଥିଲେ ପ୍ରଥମେ ବାପା ଓ ପରେ ମା ଆଗପଛ ହୋଇ ଚାଲିଗଲେ। ଜେଜେ ମା ପାଖରେ ଯେନତେନ ପ୍ରକାରେ ରହିଆସୁଥିଲେ। ହଷ୍ଟେଲରେ ରହି ମାଟ୍ରିକ ଯାଏ ପାଠ ପଢୁଥିଲେ । ମାଟ୍ରିକ ପାସ ପରେ କଳିଙ୍ଗ ମହାବିଦ୍ୟାଳୟରେ ଯୁକ୍ତ ୨ ପାସ କରିବା ପରେ ଯୁକ୍ତ ୩ ପଢୁଥିଲେ ହେଲେ ଅର୍ଥାଭାବ ଯୋଗୁଁ ଅଧାରୁ ପାଠ ଛାଡି ଦେଇଛନ୍ତି ଭଉଣୀ ଝୁମୁକା । ସେହିପରି ଭାଇ ବାବୁନା ଫୁଲବାଣୀ ଆଇଟିଆଇରେ ପଢୁଥିଲେ ସେ ମଧ ଅର୍ଥ ଅଭାବରୁ ପରିକ୍ଷା ଦେଇ ପାରିନାହାନ୍ତି । ମୁଲ ଲାଗି ଚଳୁଛନ୍ତି ଆଉ ପୁରୁଣା ଭଙ୍ଗା ଦଦରା ଘରେ ମୁଣ୍ଡ ଗୁଞ୍ଜିଛନ୍ତି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୬କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡ୍ତୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦ୍ରାପଡା ବାଲିଯାତ୍ରା ଅତୀତର ଗୌରବକୁ ବଜାୟ ରଖୁ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ଉଦଘାଟନୀ ଉତ୍ସବରେ ଶିଳ୍ପ, ଶକ୍ତି ଓ ଏମ.ଏସ.ଏମ.ଇ. ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ କେନ୍ଦ୍ରାପଡାର ଅତୀତ ଗୌରବ ସୁମାହନ୍ତ ଥିଲା। ଏଠିକାର ସାଧବମାନେ ଦେଶ ବିଦେଶରେ ବାଣିଜ୍ୟ ବେପାର କରି ମାଲିକାନା ଜାହିର କରି ନିଜେ ସମୃଦ୍ଧ ହେବା ସହିତ ଅଂଚଳକୁ ସମୃଦ୍ଧ କରିଥିଲେ ବୋଲି ବାଲିଯାତ୍ରା ମହୋତ୍ସବ କମିଟି ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ପ୍ରଥମେ ଶିବାନନ୍ଦ ଆଶ୍ରମର ଶ୍ରୀମା ଦିବ୍ୟ ସ୍ୱରୂପାନ୍ଦ ସରସ୍ୱତୀଙ୍କ ଦ୍ୱାରା ରୀତିନୀତି ଅନୁସାରେ ଗୋବରୀ ନଦୀ ତଟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ କରାଯିବା ପରେ ଉତ୍ସବ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶୁଭାଂଶୁ କୁମାର ଦାସ। ବାଲିଯାତ୍ରା ମହୋତ୍ସବ କମିଟି ସଂପାଦକ ତଥା ସରକାରୀ ଓକିଲ ସଞ୍ଜୟ କୁମାର ଜେନା ସଂପାଦକୀୟ ବିବରଣୀ ପାଠ କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଉଦଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଗବେଷକ ଡଃ. ବାସୁଦେବ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୌବାଣିଜ୍ୟ ଇତିହାସ ସଂପର୍କରେ ବର୍ଣ୍ଣନା କରିଥିଲେ। ସମ୍ମାନନୀତ ଅତଥି ଭାବେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ପଂଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, କପାଳେଶ୍ୱର ପଂଚାୟତ ସରପଂଚ କଳ୍ପନା ମହାନ୍ତି ପ୍ରମୁଖ ଯୋଗଦେଇ ବାଲିଯାତ୍ରା ମହୋତ୍ସବ କେନ୍ଦ୍ରାପଡାର ଗର୍ବ ଓ ଗୌରବ। ଏହି ଅବସରରେ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ମୁଖପତ୍ର 'ସ୍ମୃତିର ବୋଇତ'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିବା ବେଳେ ଭାବଗ୍ରାହୀ କଳା ନିକେତନର ଛାତ୍ରୀ ଓ ସଂଗୀତ ନିର୍ଦ୍ଦେଶକ ବିମଳ ପରିଡା ଆବାହନୀ ସଂଗୀତ ଗାନ କରିଥିଲେ। କୋଷାଧ୍ୟକ୍ଷ ମନୋରଂଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ରମଣୀ ରଂଜନ ରାଉତରାୟ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, କବି କରୁଣାକର ଦାସ, ଶ୍ରୀଧର ମହାନ୍ତି, ନିରଞ୍ଜନ ମେକାପ, ଅକ୍ଷୟପ୍ରିୟ ଦାସ, ଟୁଟୁ ଗେରୁ, ଶ୍ରୀଧର ଭୋଳ, ପଂଚାନନ ଗେରୁ, ଗାୟତ୍ରୀ ମହାନ୍ତି, ସହ ସଂପାଦକ କିଶୋର ପ୍ରଧାନ, ଦିପକ ସାହୁ, ରୋସ୍ନା ସାହୁ, ପ୍ରଦୀପ୍ତ ମହାନ୍ତି, ଅଜୟ ସାମଲ, ସେକ ମତୁ, ମୃତ୍ୟୁଞ୍ଜୟ ସାହୁ, ତ୍ରିଲୋଚନ ଦାସ, ସତ୍ୟବ୍ରତ ସିଂ, ଦେବେନ୍ଦ୍ର ନାୟକ, ପିତବାସ ଦାସ, ବାବନ ସାହୁ, କୈଳାସ ଚନ୍ଦ୍ର ଗେରୁ, ଅନାଦୀ ସେଠୀ, ପ୍ରଦୀପ କୁମାର ବିହାରୀ , ଆଇନଜୀବୀ ବ୍ରଜ ସୁନ୍ଦର ରାଉତ ,ଅକ୍ଷୟ ନାଥ, ମନୋଜ ସାହୁ, ନିରଞ୍ଜନ ବଳ, ମାନସରଞ୍ଜନ ଧଳ, ଅରୁଣ ପ୍ରସାଦ ଦାସ, ରମାକାନ୍ତ ସ୍ୱାଇଁ, ରାଜୁ କୁବେର, ଲୋପାମୁଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହୋତ୍ସବରେ ନୃତ୍ୟ, ଗୀତ, ରାମଦୋଳୀ, ଘୋଡାନାଚ, ସାହିତ୍ୟ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଛି। ଏହି ମହୋତ୍ସବରେ ବହୁ ଜ୍ଞାନୀ ଗୁଣି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ।ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରେ ଗୋଟିଏ ଦରଖାସ୍ତ ସିଏମଆରଏଫରୁ ଆର୍ଥିକ ସହଯୋଗ ନିମନ୍ତେ ରହିଥିବା ସୂଚନା ଦିଆଯାଇଛି। ୩ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।ଏବିଡିଓ, ସୋନପୁର ଶଶି ଭୂଷଣ ପଧାନଙ୍କ ତତ୍ୱାବଧାନରେ ଆଜି ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ - ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଏସଇପିଡବ୍ଲୁଡି ଇଂ. ଦାମୋଦର କୈବର୍ତ୍ତ, ଡିଏମଓ ଡ଼ଃ. ଦୈତ୍ୟ ନାରାୟଣ ପାଢ଼ୀ, ସିଏସଓ ସୁରେଶ ପାଣିଗ୍ରାହୀ, ଏଡିଇଓ ମଞ୍ଜୁଲତା ଭୋଇ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା କଲ୍ୟାଣ ଅଧିକାରୀ ପାଲାକା ରବୀନ୍ଦ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ, ସୋନପୁର ସୂର୍ଯ୍ୟଂଶୁ ରୁଟ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ଯାଜପୁରରେ ଜିଲ୍ଲାସ୍ତରୀୟ ବୋଇତବନ୍ଦାଣ ଉତ୍ସବ ପାଳିତ

ଯାଜପୁର,(ପି.ଏନ): ଯାଜପୁରର ଜଗନ୍ନାଥ ମନ୍ଦିର ବେଢ଼ା ସମ୍ମୁଖରେ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଆୟୋଜିତ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୀତାଜାଗରଣ ପରିଷଦର ସଭାପତି ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଉଦ୍‌ଘାଟକଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥିଭାବେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତ ମୁଖ୍ୟ ଅତିଥିଭାବେ ଯାଗଦେଇଥିଲେ। ଅନ୍ୟତମ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବୋଇତବନ୍ଦାଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଅନୁଷ୍ଠାନର ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ସମ୍ପାଦକ ଭାସ୍କର ମହାନ୍ତି, ଗୁଣନିଧି ପାଣିଗ୍ରାହୀ, ଶ୍ୟାମସୁନ୍ଦର ପାଣିଗ୍ରାହୀ, ପୃଥିବୀରାଜ ପଣ୍ଡା, ଡକ୍ଟର କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର ଓ ଉପସଭାପତି ଉପେନ୍ଦ୍ର ଜେନାଙ୍କ ସମେତ ଅନୁଷ୍ଠାନର କଳାକାର ମାନେ ସାଧବ ପୁଅ, ବୋହୁ ବେଶରେ ସୁସଜ୍ଜିତ ହୋଇ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ



ବୈତରଣୀ ନଦୀ କୂଳରେ ନୌକା ପହଂଚି ଆମ ସଂସ୍କୃତି, ଐତିହ୍ୟକୁ ଉଦ୍‌ଜୀବିତ କରିବା ସହିତ ଯାଜପୁରର ପରମ୍ପରାକୁ ବଜାୟ ରଖିବା ପାଇଁ ଅନୁଷ୍ଠାନର କଳାକାରମାନେ ବୋଇତ ବନ୍ଦାଣ କାର୍ଯ୍ୟକ୍ରକ କରିଥିଲେ। ଅନ୍ୱେଷଣର ଉପଦେଷ୍ଟା ହରିହର ସ୍ୱାଇଁ. ଏସ୍‌କେ ସାଜିଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି–ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ଙ୍କକ୍ଷପ୍ସ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ–୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷପ୍ସ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି– ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି– ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ–୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱାର୍କ ଓ ଆବଝକ୍ଷପ୍ସ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱାର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି– ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷପ୍ସ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ସାପ କାମୁଡ଼ାରେ ଗୁରୁତର ଇର୍ମା ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଗଠନ ପାଲିର ଇର୍ମା ମାଡକାମୀ ନାମକ ବ୍ୟକ୍ତିଙ୍କୁ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ଚୋଟ ମାରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ । ଏହାପରେ ତାଙ୍କୁ ପରିବାର ଲୋକେ ପଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ଯାହାକୁ ନେଇ ପରିବାର ଲୋକ ଚିନ୍ତିତ ହୋଇ ପଡ଼ିଥିଲେ ।




## ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ଓ ତର୍କ ପ୍ରତିଯୋଗିତା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘ ଓ ଜିଲ୍ଲା ସଂଘ ପକ୍ଷରୁ ଜାରକା ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଏକ ବିଜ୍ଞାନ କୁଇଜ ଓ ତର୍କ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବ୍ଲକର ୩୦ ଗୋଟି ହାଇସ୍କୁଲରୁ ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ କୁଇଜରେ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରଦୀପ ନାରାୟଣ ସାହୁ ପ୍ରଥମ, ମହେଶ ସାହୁ ଦ୍ୱିତୀୟ ଓ ପଂଚାୟତ ହାଇସ୍କୁଲ ଅରେଇକଣାର ସ୍ମୃତିରନ ରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ତର୍କ ପ୍ରତିଯୋଗୀତାରେ ଧର୍ମଶାଳା ବାଣୀପୀଠର ଛାତ୍ରୀ ପ୍ରାଚୀ ଶତପଥୀ ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଏସ. ସାଇଶ୍ରୀ ଦ୍ୱିତୀୟ ଓ ପଂଚାୟତ ହାଇସ୍କୁଲ ରେଖିଦେଇପୁରର ଛାତ୍ର ବିବେକାନନ୍ଦ ନାୟକ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି । ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତୀଶ କୁମାର ଜେନା ଓ ବ୍ରହ୍ମାନନ୍ଦ ନାୟକ ଯୋଗଦେଇଥିଲେ । ପରେ ବ୍ଲକ ସଂଘ ସଭାପତି ରଶ୍ମିରଂଜନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ସହଶିକ୍ଷା-ଅଧିକାରିଣୀ ମମିତା ମହାନ୍ତି ମୁଖ୍ୟ ଅତିଥି, ବ୍ଲକ ଓଷ୍ଟା ସଂଘର ସଭାପତି ସୁଦାମ ଚରଣ ପଣ୍ଡା ଓ ସମ୍ପାଦକ ସଂଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷକ ସୌମେନ୍ଦ୍ର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗଣେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଙ୍ଘର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ରୟାଲ ବେଙ୍ଗଲ ଟାଇଗରକୁ ବିଷ ଦେଇ ମାରିବା ଘଟଣାରେ ଦୁଇ ଫେରାର ଅଭିଯୁକ୍ତ ଗିରଫ

ଭଗାମୁଣ୍ଡା (ପିଏନ୍):ରେବଣା ସଂରକ୍ଷିତ ଜଙ୍ଗଲର ହାତୀଖିଣ୍ଡିରେ ଗତ ମେ' ମାସରେ ଏକ ରୟାଲ ବେଙ୍ଗଲ ଟାଇଗର (ଆରବିଟି)କୁ ଶିକାରୀମାନେ ମଇଁଷି ମାଂସରେ ବିଷ ଦେଇ ମାରିଥିଲେ । ଏହି ଘଟଣାରେ ସେତେବେଳେ ୪ ଜଣଙ୍କୁ ଗିରଫ କରି ବନବିଭାଗ କୋର୍ଟ ଚାଲାଣ କରିଥିବା ବେଳେ ଆଉ ଦୁଇଜଣ ଫେରାର ଥିଲେ । ବନବିଭାଗ ଫେରାର ଥିବା ଏହି ଦୁଇଜଣଙ୍କୁ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଥିବା ବେଳେ ୫ ତାରିଖ ଶନିବାର ଉଭୟଙ୍କୁ ଧରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡପଳାଶପାଳ ଗ୍ରାମର ଅଭିମନ୍ୟୁ ସେଠୀ ଏବଂ କମଳ ଲୋଚନ ବେହେରା । ଅଭିମନ୍ୟୁଙ୍କୁ ତାଙ୍କ ଗାଁରୁ ଗିରଫ କରାଯାଇଥିବା ବେଳେ କମଳ ଲୋଚନ ବେହେରାଙ୍କୁ ହରିଚନ୍ଦନପୁର ଥାନା ମନୋହରପୁର ଛକ ନିକଟରୁ ଗିରଫ କରାଯାଇଥିବା ଦୈତାରୀରେ ଅଧିକାରୀ ରମାକାନ୍ତ ସେଠୀ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ହାତୀଖିଣ୍ଡିରେ ବିଷ ଦେଇ ବାଘକୁ ମାରିବା ପରେ ବାଘର ଛାଲ, ନଖ, ଦାନ୍ତକୁ ଶିକାରୀମାନେ ବିକ୍ରୀ କରି ଦେଇଥିଲେ । ତେବେ ବାଘଛାଲକୁ ବିକ୍ରୀ କରିବାକୁ ପ୍ରୟାସ ଚଳାଇଥିବା ବେଳେ ଏସ୍‌ଟିଏଫ୍ ଟିମ୍ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଏସିଏଫ୍ ଘନଶ୍ୟାମଙ୍କ ନେତୃତ୍ୱରେ ବନବିଭାଗର ଟିମ୍ ବୁଢୀପଦା ଗାଁକୁ ଯାଇ ବାଘଛାଲ ସହ ୨ଜଣଙ୍କୁ ଆଣୁଥିବା ବେଳେ ସୁନାପେଣ୍ଠ ଛକ ନିକଟରେ ସ୍ଥାନୀୟ ଲୋକେ ଭୁଲ ସୂଚନା ପାଇ ଛୁଆ ଚୋରି ଭାବି ବନବିଭାଗର କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରିବା ସହ ଏକ ବୋଲେରୋ ଗାଡିକୁ ଭଙ୍ଗାରୁଜା କରିଥିଲେ । ତେବେ ଯାହା ହେଉ ବିଳମ୍ବରେ ହେଲେ ସୁଦ୍ଧା ବନବିଭାଗ ଟିମ୍‌କୁ ସଫଳତା ମିଳିଛି । ଶନିବାର ବନବିଭାଗ ତରଫରୁ ହୋଇଥିବା ଚଢାଉରେ ଦୈତାରୀରେ ଅଧିକାରୀ ରମାକାନ୍ତ ସେଠୀ, ବନପାଳ ଦିବାକର ମୁଣ୍ଡା, ବନପାଳ ବୃନ୍ଦଦେବ ସାହୁ, ବନପାଳ ଡମ୍ବରୁଧର ମହାନ୍ତ, ବନରକ୍ଷୀ ରଶ୍ମିରଂଜନ ରାଉତ, ବିଦ୍ୟାରଂଜନ ନାୟକ, ଅଜୟ କୁମାର ସେଠୀ ପ୍ରମୁଖଙ୍କ ସହ ବନସୁରକ୍ଷା ବାହିନୀର କର୍ମଚାରୀମାନେ ସାମିଲ ଥିଲେ ।

## ମାଣ୍ଡିଆ ଦିବସ ଉପଲକ୍ଷେ ଗଡିଲା ପୁଷ୍ଟିଶସ୍ୟ ସଚେତନତା ରଥ



କେନ୍ଦୁଝର (ପିଏନ୍): ଚଳିତ ନଭେମ୍ବର ମାସ ୧୦ ତାରିଖ ମାର୍ଗଶୀର ମାସ ପ୍ରଥମ ଗୁରୁବାରକୁ ରାଜ୍ୟ ସରକାର ମାଣ୍ଡିଆ ଦିବସ ଭାବେ ପାଳନ କରିବା ପରିପ୍ରେକ୍ଷୀରେ ମାଣ୍ଡିଆ ଜାତୀୟ ପୁଷ୍ଟିଶସ୍ୟ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାରେ ଗଡିଛି ସଚେତନତା ରଥ । ତା-୭.୧୧.୨୨ରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ପତାକା ଦେଖାଇ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ୭ଟି ସଚେତନତା ରଥର ଶୁଭାରମ୍ଭ କରିଥିଲେ । ସୂଚନାଯୋଗ୍ୟ ଯେ ୪ଟି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ ପରିକ୍ରମା କରିବ ଏବଂ ୮ଟି ମାଣ୍ଡିଆ ଜାତୀୟ ପୁଷ୍ଟିଶସ୍ୟର ଗୁରୁତ୍ୱ ଓ ମାଣ୍ଡିଆ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ପୁଷ୍ଟିଶସ୍ୟର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ ପ୍ରତ୍ୟେକ ଖାଦ୍ୟ ଥାଳିରେ ମାଣ୍ଡିଆ ଜାତୀୟ ଖାଦ୍ୟ ଯେପରି ସ୍ଥାନ ପାଇବ ସେ ସମ୍ପର୍କରେ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ । ପାରମ୍ପରିକ ମାଣ୍ଡିଆ ଜାତୀୟ ପୁଷ୍ଟିଶସ୍ୟର ଉପାଦେୟତା ଯୋଗୁଁ ଏହାର ପ୍ରଚାର ପ୍ରସାର କ୍ଷେତ୍ରରେ ଓଡିଶା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଣାଯାଏ । ରାଜ୍ୟ ତଥା ଦେଶରେ ମାଣ୍ଡିଆ ପୁଷ୍ଟିଶସ୍ୟର ବହୁଳ ଲୋକପ୍ରିୟତା ନିମନ୍ତେ ଓଡିଶା ସରକାର ପବିତ୍ର ମାର୍ଗଶୀର ମାସର ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ ମାଣ୍ଡିଆ ପୁଷ୍ଟିଶସ୍ୟର ଅଧିକ ପ୍ରଚାର ପ୍ରସାର ପାଇଁ ମିଲେଟ ମିଶନ ଜିଲ୍ଲା ପ୍ରଶାସନ ଡି.ଏମ୍.ଏଫ୍. ସହଯୋଗରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଜୟ କୁମାର ସ୍ୱାଇଁ, ମିଲେଟ୍ ମିଶନର ଜିଲ୍ଲା ସଂଯୋଜକ ସଂଜୟ କୁମାର ସାହୁ, ପ୍ରୋଜେକ୍ଟ ଅଫିସର ସୁମନସ୍ମିତା ତରାଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମକର୍ତ୍ତା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ନବୀନ ଓ ମୋଦି ଉଭୟ ସରକାର ଓଡ଼ିଶା ପ୍ରଗତିର ବାଧକ



ଭୁବନେଶ୍ୱର (ପିଏନ୍)-ଗତକାଲି 'ଭାରତ ଯୋଡ଼ - ଓଡ଼ିଶା' ପରିବର୍ତନ ଯାତ୍ରା ପାଣିକୋଇଲି କଲେଜ ପଡ଼ିଆ ଠାରୁ ବାହାରିଥିଲା । ସେବାଦଳର ଏହି ଯାତ୍ରାର ଇନଚାର୍ଜ ମନୋଜ ସାହୁ ସକାଳ ୮ଟା ବେଳେ ଶୋଭାଯାତ୍ରା ଆରମ୍ଭ କରିବାପାଇଁ ଶ୍ରୀ ପଟ୍ଟନାୟକଙ୍କ ପତାକା ପ୍ରଦାନ କରିଥିଲେ । କୋରେଇ ବ୍ଲକ କଂଗ୍ରେସ ଦ୍ୱାରା, କୋରେଇ ଛକରେ ଏକ ବିଶାଳ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କୁ ଏହି ସଭାରେ ସମ୍ବର୍ଦ୍ଧିତ କରିବା ସହିତ ଶହ ଶହ ଯାତ୍ରୀମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । କୋରେଇ ବ୍ଲକ କଂଗ୍ରେସର ବରିଷ୍ଠ କଂଗ୍ରେସ ନେତା ହରିହର ସାହୁଙ୍କ ପ୍ରଦେଶ କଂଗ୍ରେସ ସଭାପତି ଉତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ରାମଚନ୍ଦ୍ର ଖୁଂଟିଆ, ଶ୍ରୀମତୀ ବନ୍ଦିତା ପରିଡ଼ା, ବଳଭଦ୍ର ଦାସ, ସନ୍ତୋଷ ନନ୍ଦ, ଦୁର୍ଯ୍ୟୋଧନ ବେହେରା, ମାନସ କର, କିଷାନ ପଣ୍ଡା, ସନ୍ତୋଷ ବେହେରା, ସଂଗ୍ରାମ ଜେନା, ଅନିଲ ମହାନ୍ତି, ସୁଦିପ କର, ମଧୁସୂଦନ ସାହୁ, ରିତାଶ୍ରୀ ମହାନ୍ତି, ଅକ୍ଷୟ ସାହୁ, ଅନନ୍ତ ଦାସ ଇତ୍ୟାଦି ନେତୃବୃନ୍ଦ ଶ୍ରୀ ଶରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ତାଙ୍କ ସ୍ୱଳ୍ପ ଅଭିଭାଷଣରେ ଓଡ଼ିଶାର ଦୀର୍ଘ ୨୨ ବର୍ଷର ସରକାର ଏବଂ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କର ଆଠ ବର୍ଷର ସରକାର ଓଡ଼ିଶାର ପ୍ରଗତିର ଅ'ରାୟ ହୋଇଛି । ନବୀନ ସରକାର ନିରବଚ୍ଛିନ୍ନ ଭାବରେ ଦୁଇ ଦଶନ୍ଧିରୁ ଅଧିକ ଶାସନ କଳାପରେ ମଧ ଆଜି ଓଡ଼ିଶାର ଯୁବକ, କୃଷକ, ଶ୍ରମିକ, ମହିଳା, ସ୍ୱଳ୍ପଆୟକାରୀ ବର୍ଗ, ମଧ ଆୟକାରୀ ବର୍ଗ ଏ ସମସ୍ତେ ଆଜି ସାମାନ୍ୟ ସୁବିଧାରୁ ବଂଚିତ । ଯୋଜନା ପରେ ଯୋଜନା କିଂ ଏ ଯୋଜନା ଲୋକଙ୍କର କି ପରିବର୍ତନ ଆଣିଲା ତା କେବେହେଲେ ଆଲୋଚନା ବା ପର୍ଯ୍ୟାଲୋଚନା ହେଲା ନାହିଁ । ଓଡ଼ିଶାର କୃଷକର ଆୟ ଆଜି ଭାରତବର୍ଷରେ ସର୍ବନିମ୍ନ ତଥାପି ମୁଖ୍ୟମନ୍ତ୍ରୀ କହୁଛି କାଳିଆ ଯୋଜନା ଦ୍ୱାରା କୃଷକର ଆୟ ବହୁପରିମାଣରେ ବୃଦ୍ଧି ହୋଇଛି । ପଡ଼ୋଶୀ ରାଜ୍ୟମାନେ ଧାନର ସର୍ବନିମ୍ନ ମୂଲ୍ୟ ୨୫୦୦ ଟଙ୍କା ହୋଇଥିବା ବେଳେ ଓଡ଼ିଶାର କୃଷକକୁ ସେହି ଦାମ ମିଳୁନାହିଁ । ଅଭାବି ବିକ୍ରୀ ଏ ରାଜ୍ୟର ସର୍ବବୃହତ ସମସ୍ୟା । ୨୨ ବର୍ଷ ଭିତରେ ୨୨ଟି ଶୀତଳ ଭଣ୍ଡାର ଯାହା ଚାଲୁଛି ତାହାର ନାମ ମୁଖ୍ୟମନ୍ତ୍ରୀ କହିପାରିବେକି ? ଆଳୁ ମିଶନ, ପିଆଜ ମିଶନ ଆଜି କଉଠି ତାହା ଏ ସରକାରକୁ ଜଣା । ଯାଜପୁର ଜିଲ୍ଲା ଏକ ଖଣିଜ ସଫଂଦ ଏବଂ ଶିଳ୍ପ ସମୃଦ୍ଧ ଭରା ଜିଲ୍ଲା । କିନ୍ତୁ ଏ ଅଂଚଳର ବାଲିଚନ୍ଦ୍ରପୁର ଠାରୁ ଆରମ୍ଭ କରି ହଜାର ହଜାର ଯୁବକ ଯୁବତୀ ଆଜି ଅନ୍ୟ ରାଜ୍ୟରେ ପେଟପାଇଁ କାମ କରୁଛନ୍ତି । ଏ ଅଂଚଳର ଯୁବକଙ୍କୁ ସ୍ଥାନୀୟ ଶିଳ୍ପରେ ନିଯୁକ୍ତି ମିଳିଲାନାହିଁ କାହିଁକି । ଏ ଅଂଚଳରେ କଂଗ୍ରେସ ସମୟରେ ଯେଉଁସବୁ କୃଷିଭିତିକ ଶିଳ୍ପ କରାଯାଇଥିଲା ତାହା ଆଜି ବନ୍ଦ । ଏ ଅଂଚଳରେ କେନ୍ଦ୍ର ସରକାର ଏକ ବଡ଼ ତୈଳ ଭଣ୍ଡାର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ମେଗା ଫୁଡପାର୍କ କରିବେ ବୋଲି କହିଥିଲେ କିନ୍ତୁ ଏହା କେବେ ହେବ । ପୂର୍ବୋଦୟର ସୂର୍ଯ୍ୟ ଓଡ଼ିଶାରୁ ଉଦୟ ହେବ ବୋଲି ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କର ନେତା ମନ୍ତ୍ରୀମାନେ କହୁଥିଲେ । ୮ ବର୍ଷ ଭିତରେ ସୂର୍ଯ୍ୟ ଉଦୟ ତ ଦୂରେ ଥାଉ ସିନ୍ଦୁରାବି ଫିଟିଲା ନାହିଁ । ଏ ରାଜ୍ୟର ଯୁବକ ଆଦି ଦିଶାହୀନ, ଶିକ୍ଷିତ ଯୁବକ ଯୁବତୀ ରୋଜଗାର ପାଇଁ ଆଜି ଘୁରି ବୁଲୁଛନ୍ତି । ମହିଳାମାନଙ୍କୁ ପ୍ରତି ଅନ୍ୟାୟ, ଅତ୍ୟାଚାର, ଦୁଷ୍କର୍ମ, ଉତ୍‌ପିଡ଼ନ ଚରମ ସୀମାର ପଂହଚିଲାଣି ତଥାପି ସରକାରର ନିଦ ଭାଙ୍ଗୁ ନାହିଁ । ଏ ଭାରତ ଯୋଡ଼ ଓଡ଼ିଶା ଯାତ୍ରା ର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଯୁବକ, କୃଷକ, ମହିଳା, ଶ୍ରମିକଙ୍କ ସମସ୍ୟାକୁ ନେଇ ପ୍ରତିବାଦ କରିବା ଏବଂ ସ୍ଥାନୀୟ ଅଂଚଳର ସମସ୍ୟା ସହିତ ଜଡ଼ିତ ହେବା । ଓଡ଼ିଶା ପ୍ରଦେଶ କଂଗ୍ରେସ ସେ ପର୍ଯ୍ୟନ୍ତ ବିଶ୍ରାମ ନେବ ନାହିଁ ଯେ ପର୍ଯ୍ୟନ୍ତ ବହୁ ଦୁରଦୁରାନ୍ତରେ ଛିଡ଼ା ହୋଇଥିବା ଓଡ଼ିଶାର ଜଣେ ବ୍ୟକ୍ତି ମୁହଁରେ ହସ, ବିଶ୍ୱାସ ଓ ଆତ୍ମପ୍ରତ୍ୟୟ ଭରି ନ ଯାଇଛି । ଏ ଉଭୟ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ପଡ଼ିବ । ଓଡ଼ିଶାର ୪କୋଟି ୫୦ଲକ୍ଷ ଲୋକଙ୍କ ପାଇଁ ଏ ପଦଯାତ୍ରା । ଏ ପଦଯାତ୍ରା ଦୀର୍ଘ ୨୨ ବର୍ଷର ସରକାର ଓ କେନ୍ଦ୍ରର ଦୀର୍ଘ ୮ ବର୍ଷର ଶୋଷଣ, ଅନ୍ୟାୟ, ଅତ୍ୟାଚାର ଓ ଲୁଣ୍ଠନ ବିରୋଧରେ । ଅପରାହ୍ନରେ ଏ ପଦଯାତ୍ରା ଯାଜପୁର ଜିଲ୍ଲା ଅତିକ୍ରମ କରି ଭଦ୍ରକ ଜିଲ୍ଲାର ସୀମାକୁ ପ୍ରବେଶ କରିଥିଲା । ସଠିପୁର ଛକ ପରେ ପରେ ଗତକାଲି ହଜାର ହଜାର କଂଗ୍ରେସ ନେତୃବର୍ଗ ଓ ସାଧାରଣ ଜନତା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ଏହି ପଦଯାତ୍ରାକୁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ, ଅନନ୍ତ ସେଠୀ, ଅଶୋକ ଦାସ, ନଳିନୀ ମହାନ୍ତି, ସୁବ୍ରତ ଦାସ ମଧୁମିତା ସେଠୀ, ଦିଗମ୍ବର ଦାସ ଏବଂ ବହୁ ବରିଷ୍ଠ କଂଗ୍ରେସ ନେତୃବର୍ଗ, ବହୁବୁଦ୍ଧିଜୀବି, ସାମାଜିକ କର୍ମୀ, କୃଷକ ନେତା ପଦଯାତ୍ରୀ ତଥା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କୁ ପୁଷ୍ପମାଲ୍ୟ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ପଦଯାତ୍ରା ଭଦ୍ରକ ଜିଲ୍ଲାର ଭଣ୍ଡାରୀ ପୋଖରୀ ଠାରେ ସମାପ୍ତ ହୋଇଥିଲା । ଭଣ୍ଡାରୀପୋଖରୀଠାରୁ ଏହି ପଦଯାତ୍ରା ପୁଣି ଆରମ୍ଭ ହେବ । ଅନ୍ୟମାନଙ୍କ ମଧ୍ୟରେ ମାନସ ଚୌଧୁରୀ, ବିଶ୍ୱରଂଜନ ମହାନ୍ତି, ଦେବେନ୍ଦ୍ରେ ମହାନ୍ତି, ସ୍ମୃତିରଂଜନ ଲେଙ୍କା, ପ୍ରକାଶ ମିଶ୍ର, କନକଲତା ମଲ୍ଲିକ, କୈଳାସ ସାହୁ, ପଦ୍ମାକର ଗୁରୁ, ସତ୍ୟବ୍ରତ ନାୟକ, ଦୀପକ ମହାପାତ୍ର, ପ୍ରଦୀପ ମହାପାତ୍ର, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ଅନିଲ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ବୋଲି 'ଭାରତ ଯୋଡ଼ ଯାତ୍ରା - ଓଡ଼ିଶା'ର ମିଡିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଚନ୍ଦ୍ରଭାଗା ବୋଇତ ବନ୍ଦାଣ ଉତ୍ସବ-୨୦୨୨: ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ଭୁବନେଶ୍ୱର (ପିଏନ୍)-ଚନ୍ଦ୍ରଭାଗା ବୋଇତବନ୍ଦାଣ ଉତ୍ସବ କମିଟି ପକ୍ଷରୁ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟକୁ ମନେରଖିବା ଉଦେଶ୍ୟରେ ଚନ୍ଦ୍ରଭାଗା ବୋଇତବନ୍ଦାଣ ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି । ବିଗତ ୨୮ ବର୍ଷ ଧରି ଚନ୍ଦ୍ରଭାଗା ବୋଇତବନ୍ଦାଣ ଉତ୍ସବ କମିଟି ପକ୍ଷରୁ ପ୍ରତ୍ୟକ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପୂର୍ବରାତ୍ରିରୁ ଚନ୍ଦ୍ରଭାଗା ବେଳାଭୂମିରେ ନିର୍ମିତ ଏକ ରଙ୍ଗମଞ୍ଚରେ ବୋଇତବନ୍ଦାଣ ଉତ୍ସବ ପାଳିତ ହୋଇଆସୁଛି । ଚଳିତ ନଭେମ୍ବର ମାସ ୦୭ ତାରିଖ ସନ୍ଧ୍ୟା ୬ଟାରୁ ଆୟୋଜିତ ଏହି ଉତ୍ସବକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ପବିତ୍ର କାର୍ତ୍ତିକ ମାସ ଚତୁର୍ଦ୍ଦଶୀ ତିଥିରୁ ପୂର୍ଣ୍ଣିମୀ ତିଥିର ପ୍ରତ୍ୟୁଷ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ପକାଇବା ସହିତ ଡଙ୍ଗା ଭସାଇଥିବା ବେଳେ ସୂର୍ଯ୍ୟୋଦର୍ଶନ କରିଛନ୍ତି । ଚତୁର୍ଦ୍ଦଶୀ ରାତିରୁ ସମବେତ ହୋଇଥିବା ଶ୍ରଦ୍ଧାଳୁଙ୍କ ମନରଞ୍ଜନ ନିମନ୍ତେ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତ୍ୟୁଷରେ ଆୟୋଜିତ ହୋଇଥିବା ବେଳେ ଚନ୍ଦ୍ର ଗ୍ରହଣ ପାଇଁ ଭୋର ୪ଟାରେ ବୋଇତବନ୍ଦାଣ ଉତ୍ସବ ଓ ସୂର୍ଯ୍ୟଦେବଙ୍କ ବନ୍ଦାପନା କାର୍ଯ୍ୟ ହୋଇଥିଲା । ଚନ୍ଦ୍ରଭାଗା ବେଳାଭୂମିରେ ଏକ ସ୍ୱତନ୍ତ୍ର ମଞ୍ଚରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ନିମନ୍ତେ ସଂକୀର୍ତ୍ତନ, ଦେଶାତ୍ମକବୋଧକ ଗୀତ ଓ ସେଚତନଧର୍ମୀ ନୃତ୍ୟ, ଲୋକ ନୃତ୍ୟ, ଓଡିଶୀ. ସମ୍ବଲପୁରୀ ନୃତ୍ୟ ଏବଂ ଭଜନ ପରିବେଷଣ କରାଯାଇଥିଲା । ଏହି ଅବସରରେ କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ ଚନ୍ଦ୍ରଭାଗା ତୀର୍ଥରେ ଏକ ସୁସଜ୍ଜିତ ବୋଇତକୁ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ସାଧବ ସାଧବାଣୀ ବେଶରେ ବନ୍ଦାପନା କରାବା ସହିତ ସାଧବ ମାନଙ୍କୁ ମେଲାଣି ଦେଇଥିଲେ । ପରେ ପରେ ଛାତ୍ରଛାତ୍ରୀମାନେ ସୂର୍ଯ୍ୟ ଉଦୟ ସମୟରେ ସୂର୍ଯ୍ୟପୂଜା କରିଥିଲେ । ଏହି ଉତ୍ସବକୁ ଚନ୍ଦ୍ରଭାଗା ବୋଇତ ବନ୍ଦାଣ ଉତ୍ସବ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଚନ୍ଦ୍ରଭାଗା ଗଣେଶ କମିଟି ଓ ଫଟୋଗ୍ରାଫର ଆସୋସିଏସନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ । ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷାନିମନ୍ତେ ବ୍ୟବସ୍ଥା କରାଯାଇ ଥିଲେ ମଧ ଲୋକେ ମନଇଛା ନିଜ ନିଜ ଯାନବାହାନ ଧରି ତୀର୍ଥ ପୁଷ୍କରଣୀ ବେଢା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ରଖୁଥିବାରୁ ଶ୍ରଦ୍ଧାଳୁଙ୍କ ଯାତାୟାତରେ ଅସୁବିଧା ହୋଇଥିଲା ।

## ସଡକ ଦୁର୍ଘଟଣାରେ ଯୁବ ଇଂଜିନିଅରଙ୍କ ମୃତ୍ୟୁ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଦେଉଳିପାଳ ଗ୍ରାମର ଗଗନ ସାମଲଙ୍କ ପୁତ୍ର ଯୁବ ଇଂଜିନିଅର ଜ୍ଞାନରଂଜନ ସାମଲ (୩୧)ଙ୍କର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଚାନ୍ଦପୁରରେ ଏକ ଟ୍ରାଭେଲର ଧକ୍କାରେ ମୃତ୍ୟୁ ହୋଇଛି । ସେ ଖୋର୍ଦ୍ଧା ଅଂଚଳରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିବା ବେଳେ ଗତକାଲି ଅପରାହ୍ନରେ ସେ ସେଠାରେ ଜାତୀୟ ରାଜପଥ କାମ ତଦାରଖ କରୁଥିବା ବେଳେ ଏକ ଟ୍ରାଭେଲର ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଉଥିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ୱର୍ଗତଃ ସାମଲ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ସେ ଜଣେ ଭଲ କ୍ରୀଡାବିତ୍ ଭାବେ ଧର୍ମଶାଳା ଅଂଚଳରେ ବେଶ ଜଣାଶୁଣା ଥିଲେ । ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ନିଜ ଗାଁକୁ ଆଣିବା ସମୟରେ ଜାରକା ସିନେମା ହଲ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ନିଜ ଗାଁ ଦେଉଳିପାଳକୁ ଅଣାଯାଇଥିଲା । ଗାଁରେ ମରଶରୀର ପହଁଚିବା ବେଳେ ଏଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ପୁତୁରା ରତିକାନ୍ତ ସାମଲ ମୁଖାଗ୍ନି ଦେଇଥିଲେ ।

## ସ୍କାଉଟ୍ ଗାଇଡ଼୍‌ର ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ନଭେମ୍ବର ମାସ ୭ ତାରିଖ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍‌ର ପ୍ରତିଷ୍ଠା ଦିବସ ରୂପେ ପ୍ରତିବର୍ଷ ପାଳିତ ହୋଇଆସୁଅଛି । ରାଜ୍ୟର ସବୁ ଜିଲ୍ଲାରେ ଉକ୍ତ ଦିବସଟିକୁ ସ୍କାଉଟ୍ ଗାଇଡ୍‌ମାନଙ୍କ ଦ୍ୱାରା ମହାସମାରୋହରେ ପାଳନ କରାଯାଇଥାଏ । ଏହି ଦିବସର ମହତ୍ୱକୁ ଜଣାଇବା ପାଇଁ କବ୍, ବୁଲ୍‌ବୁଲ୍, ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜରମାନେ ମାନ୍ୟବର ରାଜ୍ୟପାଳ ଶ୍ରୀ ପ୍ରଫେସର ଗଣେଶୀ ଲାଲ୍, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏବଂ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ନିକଟକୁ ଯାଇ ଦିବସର ପ୍ରତୀକ ପତାକା ଲଗାଇ ସଂଗଠନର ବାର୍ତ୍ତା ପ୍ରଚାର କରିଛନ୍ତି । ଏତଦ୍‌ବ୍ୟତୀତ ମାନ୍ୟବର ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ସମବାୟ ତଥା ରାଜ୍ୟସଂସ୍ଥାର ସଭାପତି ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ ଓ ବାଣିଜ୍ୟ ପରିବହନ ତଥା ରାଜ୍ୟ ସଂସ୍ଥାର ଉପସଭାପତି ଶ୍ରୀମତୀ ଟୁକୁନୀ ସାହୁ, ଉପସଭାପତି ତଥା ଅଧକ୍ଷା ମହିଳା କମିଶନ ଡଃ. ମିନତୀ ବେହେରା ଏବଂ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳି ପ୍ରସାଦ ମିଶ୍ରଙ୍କୁ ପତାକ ଲଗାଇ ଦିବସର ତାତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ । ଅପରାହ୍ନରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ଅତିଥି ଭାବେ ଜିଲ୍ଲା ସମ୍ପାଦକ, ଭୁବନେଶ୍ୱର ଶ୍ରୀ ଜିତେନ୍ଦ୍ର କୁମାର ନାୟକ ଯୋଗ ଦେଇ ସ୍କାଉଟ ଓ ଗାଇଡ୍‌ମାନଙ୍କୁ ବହୁ ଉପଦେଶାତ୍ମକ କଥା କହିଥିଲେ । ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ଉପସ୍ଥିତିରେ ରାଜ୍ୟ ଗାଇଡ୍ ସଂଗଠନ କମିଶନର ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସ୍କାଉଟ ଗାଇଡ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଫଳକ ପ୍ରଦାନ କରାଯାଇଥିଲା ।




# ପଂଚକର ଚତୁର୍ଥ ଦିବସ, ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନୃସିଂହ ବେଶ

ପୁରୀ, (ପି.ଏନ): କାର୍ତ୍ତିକ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ମଧ୍ୟ ଡାଳିକିଆ ବେଶ ନାମରେ ନାମିତ । ଶ୍ରୀଜୀଉଙ୍କ ଅବକାଶ ନୀତି ସମ୍ପନ୍ନ ହେବା ପରେ ଏହି ବେଶ ଅନୁଷ୍ଠିତ ହୋଇଛି । ବଲ୍ଲଭ, ବାଲଭୋଗ, ସକାଳ ଧୂପ ଓ ଭଅଣ୍ଡ ପର୍ଯ୍ୟନ୍ତ ଏହି ବେଶ ରହିବ । ପାଳିଆ ସେବାୟତ ମାନେ ଶ୍ରୀଜୀଉମାନଙ୍କୁ ଏହି ବେଶ କରିବା ସହ ଅନ୍ୟାନ୍ୟ ନୀତିକାନ୍ତି ଜାରୀ ରଖିଛନ୍ତି ।ଏହି ବେଶରେ ସୁନାକିଆ ଡାଳି ଭଳି ଖଞ୍ଜାଯାଇଥିବାରୁ ଏହାର ଏପରି ନାମକରଣ ହୋଇଛି । ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ର ମହାପ୍ରଭୁଙ୍କର ମସ୍ତକର ଶୀର୍ଷ ଭାଗରେ ଜରି, ବେତ କନାରେ ଦୁଇଟି ଡାଳି ଚୂଳ ସହିତ ଲାଗି ହୋଇଛି । ଏହି ଡାଳି ଓ ଚୂଳରେ ସୋଲ ଜରିରେ ନିର୍ମିତ ଗୁଡ଼ିଏ ଫୁଲ ଧାଡ଼ି ଧାଡ଼ି କରି ଲଗାଯାଇଛି । ତାହା ମଝିରେ ସୁବର୍ଣ୍ଣ କିଆ ଖୋସା ଯାଇଛି। ସମଗ୍ର ବେଶକୁ ଧରି ରଖିଛି ଶ୍ରୀମୁଖରେ ଦିଆଯାଇଥିବା ଗୋଟିଏ ଗୋଟିଏ ବଳା । ଅନ୍ୟାନ୍ୟ ବେଶରେ ବ୍ୟବହାର କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟ ଏହି ବେଶରେ ଲାଗି ହୋଇଛି । ଡାଳିକିଆ ବେଶରେ ଶ୍ରୀଜୀଉଙ୍କୁ ମାଳି, ପଦକ ମାଳି ଓ ତାବିଜ ମାଳି ଲାଗି ହୋଇଛି । ଶ୍ରୀଭୁଜ ଓ ଶ୍ରୀପୟର ମଧ୍ୟ ଲାଗି ହୋଇଛି । ଆୟୁଧ ଶଙ୍ଖ, ଚକ୍ର, ହଳ, ମୂଷଳ ମଧ୍ୟ ଲାଗି ହୋଇଛି । ସୁଭଦ୍ରା ମଧ୍ୟ ଏହି ବେଶରେ ଅନେକ ସୁନା ଅଳଙ୍କାରରେ ଆଭୂଷିତ ହୋଇଛନ୍ତି। ଦେବୀଙ୍କର ଶିରରେ ସୁନାର କିରୀଟ ଶୋଭାପାଉଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ବେଶର ସମସ୍ତ ଖର୍ଚ୍ଚ ବହନ କରାଯାଏ । ଶ୍ରୀଜଗନ୍ନାଥଙ୍କର ଏହି ବେଶ ମହାପ୍ରଭୁଙ୍କୁ ନୃସିଂହ ଭାବରେ ପ୍ରମାଣିତ କରେ । ସ୍କନ୍ଦ ପୁରାଣ ଅନୁସାରେ, ମହାପ୍ରଭୁ ପ୍ରଥମେ ନୃସିଂହ ରୂପରେ ଦେଖା ଦେଇଥିଲେ । ତାଙ୍କର ନବକଳେବରରେ ସମସ୍ତ କାର୍ଯ୍ୟ ନୃସିଂହ ମନ୍ତ୍ରରେ କରାଯାଏ । ବସ୍ତୁତଃ ଜଗନ୍ନାଥ ହିଁ ନୃସିଂହ - ଏହି ପ୍ରଥା ପ୍ରଦର୍ଶନ ପାଇଁ ଏହି ବେଶ କରାଯାଏ । ସ୍କନ୍ଦ ପୁରାଣ ଅନୁସାରେ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରାର୍ଥନା ଫଳରେ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ଦାରୁମୂର୍ତ୍ତି ତେଜୋମୟ ଉଗ୍ରରୂପ ତ୍ୟାଗ କରି ଶାନ୍ତ ନୃସିଂହ ମୂର୍ତ୍ତି ଧାରଣ କରନ୍ତି । ଦେବୀ କମଳା ତାଙ୍କର ହୃଦୟ ପଦ୍ମରେ ବିରାଜମାନ ହୁଅନ୍ତି । ଚନ୍ଦ୍ର ସୂର୍ଯ୍ୟ ତୁଲ୍ୟ ନୟନ ଯୁଗଳ ସମୁଜ୍ଜ୍ୱଳ ହେଲା । ଦୁଇ ହସ୍ତରେ ଚକ୍ର ଓ ପିନାକ ଶୋଭା ପାଇଲା । ଅନ୍ୟ ଦୁଇଟି ହସ୍ତ ଜାନୁ ଉପରେ ପ୍ରସାରିତ ହୋଇ ଦୁଇଟି ପଦ୍ମ ପରି ଅପୂର୍ବ ଶୋଭା ଧାରଣ କଲା । ଓଁକାର ରୂପ କର୍ଣ୍ଣିକା ଶୋଭିତ ମନ୍ତ୍ରାକ୍ଷରମୟ ଦ୍ୱାତ୍ରିଂଶ ପଦ୍ମଦଳ ମଧ୍ୟରେ ସୁଖାସୀନ ହୋଇ ପ୍ରଭୁ କମଳା ଦେବୀଙ୍କର ମୁଖ ପଦ୍ମକୁ ନିରୀକ୍ଷଣ ପୂର୍ବକ ଅଟ୍ଟହାସ୍ୟ କଲେ । ତାଙ୍କର ସର୍ବାଙ୍ଗ ରତ୍ନ ଅଳଙ୍କାରରେ ଉଦ୍ଭାସିତ ହେଉଥିଲା ଏବଂ ସେ ଯୋଗ ମାର୍ଗରେ ଅଧିଷ୍ଠିତ ଥିଲେ । ହଳ ଲାଙ୍ଗଳଧାରୀ ବଳଦେବ ତାଙ୍କ ପୃଷ୍ଠ ଦେଶରେ ସହସ୍ର ଫଣା ମଣ୍ଡଳ ବିସ୍ତାର ପୂର୍ବକ ଛତ୍ରାକାର କରି ରହିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଭଗବାନଙ୍କର ଏହି ରୂପ ଦର୍ଶନ କରି ଅତ୍ୟନ୍ତ ଆନନ୍ଦିତ ହେଲେ । ବୋଧହୁଏ ଜଗନ୍ନାଥଙ୍କର ଏହି ପ୍ରସଙ୍ଗକୁ ବିଚାରକୁ ନେଇ ଲକ୍ଷ୍ମୀନୃସିଂହ ବେଶ କରାଯାଉଛି ।

## ଜୟପାଟଣା ସହରକୁ ପାନୀୟ ଜଳ ଯୋଗାଣରେ ଦୁର୍ନୀତି ବିରୁଦ୍ଧରେ ଗଣଧାରଣା

ମୁଖୀଗୁଡା, (ପି.ଏନ): ଜୟପାଟଣା ସହରକୁ ପାଇପ ଲାଇନ ଯୋଗେ ପାନୀୟ ଜଳଯୋଗାଣରେ ବ୍ୟାପକ ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଜୟପାଟଣା ସହରକୁ ପାନୀୟ ଜଳଯୋଗାଣରେ ସମ୍ପୃକ୍ତ ଥିବା ସହକାରୀ ଯନ୍ତ୍ରୀ ନିହାର ମଲ୍ଲିକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତଥା ଅନ୍ୟତ୍ର ବଦଳି ଏବଂ ଜୟପାଟଣା ସହରର ପ୍ରତ୍ୟକ ୱାର୍ଡକୁ ପାନୀୟ ଜଳ ଯୋଗାଣ ଦାବିରେ ଆଜି ଜୟପାଟଣାର ଜନସାଧାରଣ ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ।ଜୟପାଟଣାର ଶତାଧିକ ଜନସାଧାରଣ ଜୟପାଟଣା ଦୁର୍ଗା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିବା ପରେ ସେଠାରେ ଧାରଣାରେ ବସିଥିଲେ । ଜୟପାଟଣା ସହରକୁ ପାଇପ ଲାଇନ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପ୍ରାୟ ତିନି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ୱେ ଜୟପାଟଣା ସହରକୁ ପାନୀୟ ଜଳ ଯୋଗାଣ ହୋଇପାରିଲା ନାହିଁ । ଏହି କାମ ନିମ୍ନମାନର ଏବଂ ବ୍ୟାପକ ଦୁର୍ନୀତି ହୋଇଥିବା ସମ୍ପର୍କରେ ଜୟପାଟଣା ସରପଂଚ ୫-ଟି ସଚିବ ଏବଂ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ, ହେଲେ କୌଣସି ସୁଫଳ ନମିଳିବାରୁ ଆଜି ୩ ଦଫା ଦାବି ନେଇ ଜୟପାଟଣା ସରପଂଚ ମୌସୁମୀ ଡଙ୍ଗରୀଙ୍କ ନେତୃତ୍ୱରେ ଗଣ ଧାରଣା ଦିଆଯାଇଥିଲା । ଏହି ଗଣ ଧାରଣାକୁ ଆମ ଆଦମୀ ପାର୍ଟି ଜୟପାଟଣା ବ୍ଲକର କର୍ମକର୍ତ୍ତା ମାନେ ସମର୍ଥନ ଜଣାଇଥିଲେ । ଦାବି ପୂରଣ ନହେଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ଦିବ୍ୟାଙ୍ଗ ସୁରେନ୍ଦ୍ର ଅନ୍ୟମାନଙ୍କ ପାଇଁ ଉଦାହରଣ

ଘସିପୁରା, (ପି.ଏନ): ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ବିଭିନ୍ନ ଯୋଜନା ମାନ କରୁଛନ୍ତି ହେଲେ ସରକାରୀ ବାବୁ ଓ ଦାୟୀତ୍ୱରେ ଥିବା ଅଧିକାରୀ ମାନଙ୍କ ଖାମଖିଆଲି ଓ ଲାଭଖୋର ମନୋଭାବ ଯୋଗୁ ଏହି ଯୋଜନା ସବୁ ସଫଳ ରୂପାୟନ ହୋଇପାରୁନଥିବାର ଦେଖିବାକୁ ମିଳିଛି। ଆନନ୍ଦପୁର ପୌରପରିଷଦର ୫ନଂ ୱାଡରେ କାଚରା ସାହିର ସୁରେନ୍ଦ୍ର ବିଙ୍କ ଭାଗ୍ୟରେ ଏପରି ଘଟିଛି । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଆସିଲେ ମନେପଡେ ଭିନ୍ନକ୍ଷମ ସୁରେନ୍ଦ୍ରଙ୍କ କଥା ।ଓଡ଼ିଶାର ପୁରପଲ୍ଲୀରେ ସାଧବ ପୁଅମାନଙ୍କର ବୋଇତ ବନ୍ଦାଣ ଉତ୍ସବକୁ ପାରମ୍ପରିକ ରୀତିରେ ପାଳନ କରିଥାନ୍ତି । ପୂର୍ବପୁରୁଷମାନଙ୍କୁ ମନେ ପକାଇବା ପାଇଁ ଉତ୍କଳବାସୀ କେଉଁ ଆଦିମ କାଳରୁ ପାଳନ କରିଆସୁଛନ୍ତି ଏହି ବୋଇତବନ୍ଦାଣ ଉତ୍ସବ । ଆନନ୍ଦପୁରର ପୂଣ୍ୟତୋୟା ବୈତରଣୀ ନଦୀରେ ଆନନ୍ଦପୁରବାସୀ ପ୍ରତ୍ୟୁଷରୁ ରଥ ଓ ଡଙ୍ଗା ଭସାଇଥାନ୍ତି । ପୌରପରିଷଦର ୫ନଂ ୱାଡରେ କାଚରା ସାହିର ସୁରେନ୍ଦ୍ର ବା ( ୩୫ ) ଜନ୍ମରୁ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ବଂଚିବା ପାଇଁ ନିଜର ସଂଗ୍ରାମ ଜରୀ ରଖିଛନ୍ତି କେତେବେଳେ ହାତ ତିଆରି ବିଣା ତ କେତେବେଳେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପଂଚକ ରଥ ନିର୍ମାଣ କରି ପରିବାର ପ୍ରତିପୋଷଣ କରିଆସୁଛି । ନିଜକୁ ଅକ୍ଷମ ନଭାବି ନିଜ ଗୋଡରେ ନିଜେ ଛିଡାହେବା ପାଇଁ ସେ ପ୍ରୟାସ ଜାରୀ ରଖିଛନ୍ତି । ଦୀର୍ଘ ୨୦ ବର୍ଷ ଧରି ପଂଚକରେ ରଥନିର୍ମାଣ କରି ବିକ୍ରୀ କରିଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଆନନ୍ଦପୁର ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କର ମନ୍ଦିର ସମ୍ମୁଖରେ ଥିବା ବଡ଼ଦାଣ୍ଡରେ ସୋଲ, କାଗଜ, ବାଉଁଶରେ ନିଜେ ଗଢିଥିବା ରଥ ଡଙ୍ଗା ତିଆରି କରି ବିକ୍ରୀ କରୁଥିବାର ଦେଖିବାକୁ ମିଳିଛି । ତାଙ୍କ ନିକଟରୁ କାର୍ତ୍ତିକ ପୂର୍ଣ୍ଣମାରେ ବୋଇତ ଓ ରଥ ଭସାଇବା ନିମନ୍ତେ ଜନସାଧାରଣ ଏହାକୁ ନେଉଥିବାର ଦେଖିବାକୁ ମିଳିଛି । ଗରିବ ନିଃସହାୟ ଭିନ୍ନକ୍ଷମ କାରିଗରଟିର ପରିବାର ପ୍ରତିପୋଷଣ କରିବା ପାଇଁ ଜୀବନସଂଗ୍ରାମରେ ଆନ୍ତରିକତା ରହିଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ମିଳୁନଥିବାରୁ ଭଙ୍ଗା ଘରଟିରେ ପଡ଼ିରହି ଜୀବିକା ନିର୍ବାହ କରୁଥିବାର ଦେଖିବାକୁ ମିଳିଛି । ଭିନ୍ନକ୍ଷମ ସୁରେନ୍ଦ୍ରକୁ ସରକାରୀ ସହାୟତା କହିଲେ କେବଳ ୭୦୦ ଟଙ୍କା ମିଳୁଥିବା ପ୍ରକାଶ କରିଛନ୍ତି । ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁରେନ୍ଦ୍ରକୁ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଖଣ୍ଡିଏ ଯୋଗାଇଦେବା ପାଇଁ ବାରମ୍ବାର ଜଣାଇଥିଲେ ମଧ୍ୟ ଆଜିଯାଏ ମିଳିପାରିନଥିବା ପ୍ରକାଶ କରିଛନ୍ତି । ଘର ଖଣ୍ଡେ ଯୋଗାଇଦେବା ପାଇଁ ସୁରେନ୍ଦ୍ର ଜିଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି ।

## ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟ କରଣ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ କଲେ ଜୟପୁର ବିଧାୟକ

ଜୟପୁର , (ପି.ଏନ): ଜୟପୁରବାସୀଙ୍କ ବହୁ ବର୍ଷର ଦାବି ପୁରଣ ହେବାକୁ ଯାଉଛି । ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟ କରଣ ନେଇ ଆଜି ଭିତି ପ୍ରସ୍ତର ସ୍ଥାପନ କରାଯାଇଛି । ଜୟପୁରବାସୀଙ୍କ ଦାବିକୁ ପୂରଣ କରିବାକୁ ବିଧାୟକ ତାରା ପ୍ରସାଦ ବାହିନିପତି ବହୁ ଉଦ୍ୟମ କରିଥିଲେ ।ଜଗନ୍ନାଥ ସାଗରର ବିକାଶ ପାଇଁ ଚୁକ୍ତିନାମା କରାଯାଇଥିଲା । ଜିଲା ପ୍ରଶାସନ ତରଫରୁ ଜୟପୁର ପୌରପାଳିକା ଓ ହାଲ ମଧ୍ୟରେ ଏମଓୟୁ ଦସ୍ତଖତ ହୋଇଥିଲା । ଚୁକ୍ତି ନାମା ଅନୁଯାୟୀ ଆଜି ଭିତିପ୍ରସ୍ତର ଦିଆଯାଇଛି । ସାଗରର ଗୋଟିଏ ପାର୍ଶ୍ୱର ବିକାଶ ପାଇ ୭ କୋଟି ଟଙ୍କା ୩ ବର୍ଷ ମଧ୍ୟ ପର୍ଯ୍ୟାୟ କ୍ରମେ ହାଲ ଦେବ । ଉକ୍ତ ଟଙ୍କାରେ ମୁଖ୍ୟ ଗେଟ ନିର୍ମାଣ, ପିଲା ମାନଙ୍କ ପାଇ ଚିତ୍ତ ବିନୋଦନ କେନ୍ଦ୍ର, ଗାଜିବ, ବରିଷ୍ଠ ନାଗରିକ ବସିବା ସ୍ଥାନ, ଓପନ ଥିଏଟର, ଷ୍ଟେଜ, ଚଲା ପଥ ସାଗର ପସୁଥିବା ଦୂଷିତ ପାଣିକୁ ବନ୍ଦ କରିବା ପାଇ ଡ୍ରେନ ର ବ୍ୟବସ୍ଥା, କାଫେ ଆଦି କରାଯିବ । ଏପରି କାର୍ଯ୍ୟରେ ହାଲ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିଥିବା ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ହାଲ ତଳଫରୁ ୨୦୨୨-୨୩ରେ ୧ କୋଟି, ଦ୍ୱିତୀୟ ବର୍ଷ ୩ କୋଟି ୫୦ଲକ୍ଷ, ତୃତିୟ ବର୍ଷ ୨ କୋଟି ୫୦ ଦେବା ନେଇ ସ୍ଥିର ହୋଇଛି ।୧ କୋଟି ଟଙ୍କା ୪ଟି କିସ୍ତିରେ ଦେବା ପାଇ ଚୁକ୍ତି କରିଛି । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଉପ ଜିଲାପାଳ ବେଦ ବର ପ୍ରଧାନ , ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପାଧ୍ୟକ୍ଷ ବି ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ , ହାଲର ଜିଏମ ଆର. ପି ଚକ୍ରବର୍ତ୍ତି, ଜିଏମ ସୁଖଇର ଜି. କେ ଠକର, ଜିଏମ ଇଞ୍ଜିନ ଏସ. କେ ପାତ୍ର, ମାନବ ସମ୍ବଳ ବିଭାଗର ମୁଖ୍ୟ ଭବାନି ଶଙ୍କର ସୟ, ମେନେଜର ଲିଗାଲ ଅକ୍ଷୟ ପାତ୍ର ସହ ଜୟପୁର ପୌରାଞ୍ଚଳର ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

## ଖଣି କମ୍ପାନୀ ଅତିଥି ଭବନରୁ ସାଇଡ୍ ଇନଚାର୍ଜଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର

ରାଉରକେଲା, (ପି.ଏନ): ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡ ଅଧିନସ୍ଥ ବର୍ଷୁଆଁ ଠାରେ ଥିବା ଏକ ଖଣି କମ୍ପାନୀର ଅତିଥି ଭବନରୁ ଆଜି ସକାଳୁ ଏକ ମୃତଦେହ ଉଦ୍ଧାର ହୋଇଛି । ମୃତକ ଜଣକ ହେଲେ ମୋତିରାମ ପାଲ୍ । ୬୦ ବର୍ଷିୟ ମୋତିରାମ ସେଠାରେ ଲଜିଷ୍ଟିକାଲ ବିଭାଗରେ ସାଇଡ୍ ଇନଚାର୍ଜ ଭାବେ କାର୍ଯ୍ୟ କରୁଥିଲେ । ଅବସର ପରେ ମଧ୍ୟ ସେ ସେଠାରେ କାର୍ଯ୍ୟ କରୁଥିଲେ । ତେବେ ଆଖପାଖରେ କୌଣସି ରହିବା ଯୋଗ୍ୟ ସୁବିଧା ନଥିବାରୁ ସେ କମ୍ପାନୀର ଅତିଥି ଭବନରେ ରହୁଥିଲେ । ଗତକାଲି ମଧ୍ୟ ରାତ୍ରରେ କିଛି ଦୁର୍ବୃତ୍ତ ତାଙ୍କ ପ୍ରକୋଷ୍ଠରେ ପଶି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ପଥରରେ ଛେଚିଥିଲେ ଓ ଏକ ଡଟ୍ ପେନ୍ କୁ ତାଙ୍କ ଗଳାରେ ଭର୍ତ୍ତିକରିଦେଇଥିଲେ, ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଥିବା ଖବର ମିଳିଛି ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, “ ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି। ଏହା ଦ୍ୱାରା ମାନବସମ୍ବଳର ଦକ୍ଷତା ବିକାଶ ସମ୍ଭବ ହୋଇପାରିଛି। ସେହିପରି ନୂଆ ଉତ୍ପାଦ ଏବଂ ଲୋକାଲାଇଜେଶନ୍ ପ୍ରୟାସ ସଫଳ ହୋଇପାରିଛି। ବିକ୍ରୟ ଏବଂ ସେବା ସମ୍ବନ୍ଧୀୟ ପ୍ରଶ୍ନ ଗୁଡିକର ସମାଧାନ ପାଇଁ ସାନୀ ଇଣ୍ଡିଆ ପକ୍ଷରୁ ଶୁଳ୍କମୁକ୍ତ ନମ୍ବର ୧୮୦୦୨୦୯୩୩୭ ଜାରି କରାଯାଇଛି । ଅଧିକ ବିବରଣୀ ପାଇଁ www.sany.in ରେ ଯୋଗାଯୋଗ କରିପାରିବେ।

## ଭୁବନ: ବ୍ରାହ୍ମଣୀ ନଦୀରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ କାର୍ତ୍ତିକବୁଡ଼ ପକାଇଲେ

ଭୁବନ,(ପି.ଏନ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଢେଶ୍ୱରଙ୍କ ପବିତ୍ର ପୀଠରେ ପ୍ରସିଦ୍ଧ ବାଲିଯାତ୍ରା ପାଳିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପାହାନ୍ତା ପ୍ରହରରେ ପୂଣ୍ୟତୋୟା ବ୍ରାହ୍ମଣୀ ନଦୀରେ କାର୍ତ୍ତିକବୁଡ଼ ପକାଇ ଡଙ୍ଗା ଭସାଇ ପ୍ରାତଃ ସମୟରେ ଆରାଧ୍ୟ ଦେବତା ବାବା ବୁଢେଶ୍ୱରଙ୍କୁ ଦର୍ଶନ କରି କୋଟି ଜନ୍ମର ପୂଣ୍ୟଲାଭ କରିଥିଲେ। ମାସକଯାକ ହବିଷ କରୁଥିବା ହବିଷ୍ୟାଳୀମାନେ ରାଧାଗୋବିନ୍ଦଙ୍କ ପୂଜା ବିଭିନ୍ନ ଢଙ୍ଗରେ କରି ବ୍ରତ ସମାପନ କରିଥିଲେ। ବଡ଼ିଭୋରୁ ଅପରାହ୍ନ ପର୍ଯ୍ୟନ୍ତ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା ଓ ଭକ୍ତମାନେ ଧାଡ଼ିରେ ଯାଇ ଠାକୁର ଦର୍ଶନ କରିଥିଲେ। ତୈଳିକ ବୈଶ୍ୟ ସମାଜ ତରଫରୁ ଆକର୍ଷଣୀୟ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ ବରା-ଘୁଘୁନି ସାଙ୍ଗକୁ ଠୁଙ୍କାପୁରୀ, ଚାଟ୍, ଦହିବରା, ଦୋସା, ଫାଷ୍ଟଫୁଡ ଦୋକାନ, ହରେକମାଲ, ମନୋହରି ଦୋକାନ, ଆଇସକ୍ରିମ ପାର୍ଲର ଉଠା ଦୋକାନ ଏବଂ ଡଲା, କୁଲା, ଟୋପି, ବୋଝ ଓ ଅନ୍ୟାନ୍ୟ ଲୁହାଲତା ଦୋକାନର ପସରା ମେଲିଥିଲା। ଲୋକମାନେ ହାଟବଜାରରେ ମିଳୁନଥିବା ବିଭିନ୍ନ ସାମଗ୍ରୀ କିଣିଥିଲେ। ଆର୍ଯ୍ୟସମାଜ ତରଫରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଟିତ ହୋଇଥିଲା। ଚଳିତ ବର୍ଷ ବାଲିଯାତ୍ରାରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭ୍ୟମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିବାବେଳେ ଭୁବନ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ୍‌ଫୋର୍ସଙ୍କ ଜରିଆରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ରାଉଳ ନଦୀରୁ ଯୁବକର ଶବ ଉଦ୍ଧାର, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ରାଉଳ ନଦୀରୁ ଜଣେ ଯୁବକର ଶବ ଭାସୁଥିବା ଅବସ୍ଥାରେ ରବିବାର ସକାଳେ ମିଳିଛି। ଖବର ପାଇ ତୁମୁଡିବନ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହିତ ଜବତ କରି ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛ ।ମୃତକ ଯୁବକ ହେଲେ କଳାହାଣ୍ଡି ଜିଲ୍ଲା, ମଦନ ପୁର ରାମପୁର ଥାନା ରେଗେଡା ଗ୍ରାମର କିଶୋର ଭୋଇ (୩୩)। ମୃତ କିଶୋରଙ୍କ ବଡ଼ ଭାଇ ଅମରସିଂ ଭୋଇଙ୍କ ଲିଖିତ ଅଭିଯୋଗ ଅନୁସାରେ କିଶୋର ଆଜକୁ ୧୦ ବର୍ଷ ହେବ କଳାହାଣ୍ଡି ଜିଲ୍ଲା ମଦନ ପୁର ରାମପୁର ଥାନା ଅନ୍ତର୍ଗତ ଯମୁନା ପୁର ଗ୍ରାମର ଖୀରସିନ୍ଧୁ ଭୋଇଙ୍କ ସହିତ ମିଶି ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରେ ।ସେହିପରି ଗତ ମାସ ୩୧ ତାରିଖ ପୂର୍ବାହ୍ନରେ ଅମଗ୍ରାମକୁ ଆସି ଭାଇ କିଶୋରକୁ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଜଲେଶପଟ୍ଟା ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ କୋଠା ଗୃହ ନିର୍ମାଣ କାର୍ଯ୍ୟ କରିଯିବା କହି ଡାକି ନେଲା । ରବିବାର ପୂର୍ବାହ୍ନ ୬ ଘଣ୍ଟା ସମୟରେ ଖୀରସିନ୍ଧୁ ଫୋନ ଯୋଗେ ତୁମ ଭାଇର ମୃତ ଦେହ ନଦୀରେ ଭାସୁଛି ବୋଲି କହିଥିଲା ।ତାପରେ ଆମେ ଘଟଣା ସ୍ଥଳରେ ପହଞ୍ଚି ଭାଇର ମୃତ ଦେହ ଦେଖି ଥିଲୁ । ଛାତିରେ ଆଘାତ ,ମୁହଁ କଳା ହେବାସହିତ ନାକ ପଟୁ ରକ୍ତ ବାହାରୁଥିବା ଏବଂ ପରିପାର୍ଶିକ ସ୍ଥିତି ଅନୁଧ୍ୟାନ କରି ହତ୍ୟା କରାଯାଇ ପ୍ରମାଣ ନଷ୍ଟ କରିବା ପାଇଁ ନଦୀରେ ପିଙ୍ଗା ଯାଇଛି ବୋଲି କହିଛନ୍ତି। ଏହା ସହିତ ଭାଇର ତଳଦିନରେ ମଜୁରୀ ଟଙ୍କା ଠିକ ଭାବରେ ଦେଇନଥିବା ମଧ୍ୟ ଭାଇ କହିଥିଲେ। ତେଣୁ ଏହା ଭାଇକୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ବଡ଼ ଭାଇ ଆମର । ତେବେ ଏ ନେଇ ତୁମୁଡିବନ୍ଧ ପୋଲିସ ୮୯/୨୨ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କହିଛନ୍ତି ତଦନ୍ତକାରୀ ଅଫିସର ତୁମୁଡିବନ୍ଧ ଥାନା ଅଧିକାରୀ ଜୟନ୍ତ କୁମାର ସେଠୀ।

## କୁଶେଇନଦୀ କୂଳରେ ବୋଇତ ବନ୍ଦାଣ ଉତ୍ସବ

ଘଷିପୁରା,(ପି.ଏନ): ବେଲବାହାଳିରେ ବୋଇତ ବନ୍ଦାଣ ପାଳନ କରାଯାଇଛି । ଆମ ସଂସ୍କୃତି ପରମ୍ପରାକୁ ମନେ ପକାଇବା ପାଇଁ ବେଲବାହାଳି ରଲୋକ ମାନେ କୁଶେଇ ନଦୀରେ ଡଙ୍ଗା ଭସାଇବା ସହ ଆ କା ମା ବୈଇ ପାନଗୁଆ ଥୋଇ ପାନଗୁଆ ତୋର ମାସକ ଧର୍ମ ମୋର କହି ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଶୈବ ପୀଠ ଓ ବିଭିନ୍ନ ନଦୀ ଘାଟରେ ନଦୀରେ ଡଙ୍ଗା ଭସାଇଛନ୍ତି । ଆମ ସଂସ୍କୃତି ଆମ ପରମ୍ପରା ରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଇଥାଏ । ମୁଖ୍ୟତ ୧୨ ମାସ ମଧ୍ୟରୁ ଯେଉଁ ୪ ମାସ ର ଗୁରୁତ୍ୱ ଥାଏ ସେଥିମଧ୍ୟରୁ କାର୍ତ୍ତିକ ମାସ କୁ ସର୍ବଶ୍ରେଷ୍ଠ ବୋଲି ଗଣାଯାଏ ।ଏହି ମାସକୁ ଧର୍ମର ମାସ ବୋଲି ମଧ୍ୟ କୁହାଯାଏ । ଏଥିପାଇଁ କୁହାଯାଏ ଶ୍ରଦ୍ଧାଳୁ ମାନେ ଏଇ ମାସରେ ଆମିଷ ଖାଇବା ଛାଡିଦେଇ ମାସ ସାରା ହବିଷାନ୍ନ ଖାଇ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଆଜି କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁ ମାନେ ଆନନ୍ଦପୁର ବ୍ଲକ ବେଲବାହାଳି କୁଶେଇ ନଦୀରେ ପୂଜା କରି ଡଙ୍ଗା ଭସାଇ ରାଧାକୃଷ୍ଣ ଠାକୁରଙ୍କ ଦର୍ଶନ କରିଛନ୍ତି ।ଏଥିପାଇଁ କମିଟ ପକ୍ଷରୁ ସତନ୍ତ୍ର ବ୍ୟବସ୍ଥା କରାଯାଇଛି ନଦୀ ଘାଟରେ ଗାଧୋଇବା ବେଳେ ସଜାଗ ରହିଥିବା ସହ ଲାଇଟ ଲଗାଇ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ଭକ୍ତ ମାନଙ୍କୁ ଦର୍ଶନ କରାଇବାରେ ସହଯୋଗ କରିଛନ୍ତି । ଆମ ସଂସ୍କୃତିରେ ଓଡିଆ ସାଧବ ପୁଅ ମାନେ ବାଣିଜ୍ୟ କରି ବିଦେଶ ଫେରିବା ପରେ ସେମାନଙ୍କୁ ବନ୍ଧାପଣା କରି ଘରର ଲୋକମାନେ ଘର କୁ ପାଛେଟି କରିନେଇଥାନ୍ତି । ଏହି ପରମ୍ପରାକୁ ମନେପକାଇବାକୁ ଯାଇ ଡଙ୍ଗା ଭସାଇବା ସହ ବୋଇତ ବନ୍ଦାଣ ଉତ୍ସବ ବିଭିନ୍ନ ଗ୍ରାମରେ ପାଳନ କରାଯାଇଛି । ଏଥିପାଇଁ ଆନନ୍ଦପୁର ବ୍ଲକ ବେଲବାହାଳୀ ଗ୍ରାମରେ ସତନ୍ତ୍ର ବୋଇତ କରି ବନ୍ଦାଣ ଉତ୍ସବ କରାଯାଇଛି ।ଏଥିରେ ପୂଜକ ମହେଶ୍ୱର ପାଢ଼ୀ ରୀତିନୀତିରେ ପୂଜା କରିଥିବା ବେଳେ ମନୋଜ କୁମାର ପାଢୀ ପୂଜାରେ ସହଯୋଗ କରିଛନ୍ତି । ଆମ ସଂସ୍କୃତି ଆମ ପରମ୍ପରା କୁ ମନେମକାଇବା ପାଇଁ ଆମର ଏ ପ୍ରୟାସ ଆମକୁ ଆଜି ବିଶ୍ୱ ଦରବାରରେ ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆଜି ସକାଳୁ ସକାଳୁ କମିଟି ପକ୍ଷରୁ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ ମାଗଣାରେ ପ୍ରଦାନ କରାଯାଇଥିଲା । ଏଥିରେ କମିଟିର ସଭାପତି ଜଗବନ୍ଧୁ ସାହୁ ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ମିରାରାଣୀ ସାହୁ ଓ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା ଆଜି ଜାମୁଝାଡ଼ି ଠାରେ ପଂହଚିଲା



ଭୁବନେଶ୍ୱର,(ପି.ଏନ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସପ୍ତମ ଦିନର ଭାରତ ଯୋଡ଼-ଓଡ଼ିଶା ଭଦ୍ରକ ଜିଲ୍ଲାର ଧାମନଗର ଛକ ଠାରୁ ଆରମ୍ଭ ହୋଇଥିଲା। ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ ଭଦ୍ରକ ସହର ଆଡ଼କୁ ଅଗ୍ରସର ହେଲେ। ବାଟରେ ବାରିକପୁର, ବହୁଦରଡ଼ା, ବିଷ୍ଣୁପର, ଚିଙ୍ଗିଡ଼ିପୁର ଓ ଗେଲପୁର ଛକଠାରେ ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଦ୍ରକ ସହର ଦେଇ ପଦଯାତ୍ରା ଭଦ୍ରକ କଂଗ୍ରେସ କାର୍ଯ୍ୟାଳୟରେ ପଂହଚିଥିଲା ଏବଂ ସେଠାରେ ମଧ୍ୟାହ୍ନ ଭୋଜନ ସମାପନ ପରେ ପୁର୍ନବାର ପଦଯାତ୍ରା ଆରମ୍ଭ ହୋଇଥିଲା। ରାଣିତାଲ ଠାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସଂଜୀବ ଗିରି, ଅନନ୍ତ ପ୍ରସାସ ସେଠୀ, ନବଜ୍ୟୋତି ପଟ୍ଟନାୟକ, ଅଶୋକ ଦାସ, ମଧୁସ୍ମିତା ସେଠୀ, ଗୌତମ ସାହୁ, ରନ ଦାସ, ତୁଷାରକାନ୍ତି ତପସ୍ୱୀ ଏବଂ ଅନ୍ୟାନ୍ୟ କର୍ମକର୍ତାମାନେ ପିସିସି ସଭାପତିଙ୍କୁ ସ୍ୱାଗତ କରିଥିଲେ। ଜାମୁଝାଡ଼ି ଠାରେ ଶ୍ରୀ ଶରତ ପଟ୍ଟନାୟକଙ୍କୁ ଅଶୋକ ଦାସ ଏବଂ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଏବଂ ବିଭିନ୍ନ ପଦାଧିକାରୀ ତାଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସମ୍ବୋଦ୍ଧିତ କରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଆମେମାନେ ବ୍ରିଟିଶ ଶାସନର କ୍ରୁରତା ବାବଦରେ ପାଠ୍ୟପୁସ୍ତକରେ ପଢୁଥିଲେ ଏବେ ବିଜେଡ଼ି ଓ ବିଜେପି ଶାସନରେ ତାହା ପ୍ରତ୍ୟକ୍ଷ ଅନୁଭବ କରୁଛେ। କଂଗ୍ରେସ ପ୍ରଦତ ବ୍ୟକ୍ତି ସ୍ୱାଧୀନତା ଓ ଅଧିକାର ଏହି ଦୁଇଟି ଫାଶିବାଦୀ ସରକାର ଲୋକଙ୍କ ଠାରୁ ଛଡ଼େଇ ନେଇଛନ୍ତି। ଦେଶ ଓ ରାଜ୍ୟକୁ ଦୁର୍ବଳ କରି ନିଜ ଦଳକୁ ସବଳ କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମୁଖ୍ୟ ଏଜେଣ୍ଡା। କଂଗ୍ରେସ, ଲୋକଙ୍କର ସେବକଭାବେ କାର୍ଯ୍ୟକରୁଥିବା ବେଳେ ଏମାନେ କଳ କୌଶଳ କରି ଉତ୍ପୀଡ଼କ ଶାସକ ହେବାକୁ ସମସ୍ତ କୁପଥ ଅବଲମ୍ବନ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟର ଯୋଜନା ମାଳ ମାଳ ହେଲେ ଓଡ଼ିଶାର ଦୁର୍ଗତୀ ଓ ଦୟନିୟ ଅବସ୍ଥା ଅସମ୍ଭାଳ। ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏଠି ବିଜେଡ଼ି ସରକାର ରାଜକୋଷ ହରିଲୁଟ କରି ଦଳୀୟକର୍ମୀ ପୋଷଣ କରୁଛି। ମୋଦିଙ୍କ ଶାସନ ଯେତେଦିନ ରହିବ ଦିନକୁ ଦିନ ଦେଶର ଭାଇଚାରା ଦୁର୍ବଳ ହୋଇଯିବ। ଶ୍ରୀ ପଟ୍ଟନାୟକ ମହିମଣ୍ଡିତ ଭଦ୍ରକ ମାଟିର ଗୁଣଗାନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନସ୍ୱାଧୀନତା ସଂଗ୍ରାମୀ ଓ ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କର ଓଡ଼ିଶା, ଓଡ଼ିଆ ଓ ଓଡ଼ିଆ ଭାଷାପ୍ରତି ଅତୁଳନୀୟ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଭଦ୍ରକର ସହୀଦ ନଗର ଓ ରକ୍ତତୀର୍ଥ ଇରମର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନର ସ୍ମୃତି ମନ୍ଥନ କରିଥିଲେ। ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କର ତିନୋଟି ପ୍ରମୁଖ ଦାବୀ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଏବଂ କଂଗ୍ରେସ ଦଳର ବରିଷ୍ଠ କଂଗ୍ରେସ ନେତୃବର୍ଗ ତଥା ଭାରତ ଯୋଡ଼ ଯାତ୍ରୀଙ୍କ ସମ୍ମୁଖରେ ରଖିଥିଲେ। ଭଦ୍ରକରେ ଅତିଶୀଘ୍ର ଏକ ମେଡିକାଲ କଲେଜ, ଭଦ୍ରକ ମୁଖ୍ୟ ଚିକିତ୍ସାଳୟର ସବୁ ବିଭାଗରେ ପୂର୍ଣ୍ଣାଙ୍ଗ ଡାକ୍ତର, ଆଧୁନିକ ଯନ୍ତ୍ରପାତି ତଥା ରୋଗୀ ଶଯ୍ୟା ବୃଦ୍ଧି, ଧାମରା ବନ୍ଦରରେ ଭଦ୍ରକ ଜିଲ୍ଲାର ଲୋକମାନଙ୍କୁ ନିଯୁକ୍ତିରେ ଅଗ୍ରାଧିକାର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ରୁପାନ୍ତରିକରଣ ତଥା ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନାମ ଲେଖା ଜାଲିଆତିରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ କୋଠର ଦଣ୍ଡବିଧାନ ହେଉ ବୋଲି ଦାବି ରଖିଥିଲେ। ଭଦ୍ରକ ସହରକୁ ଏକ ନିଶାମୁକ୍ତ ସହର ଏବଂ ଭାଇଚାରାର ସହର ରୂପେ ଗଢ଼ିତୋଳିବା ପାଇଁ ଦାବି ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଦେବ ଜେନା, ମାନସ ଚୌଧୁରୀ, କିଶୋର ଜେନା, ନଳିନୀ ମହାନ୍ତି, ପଂଚାନନ ମଣ୍ଡଳ, ବନ୍ଦିତା ପରିଡ଼ା, ହରେକୃଷ୍ଣ ସେଠୀ, ପ୍ରଦୀପ ମହାପାତ୍ର, ସଂଜୟ ତ୍ରିପାଠୀ, ପଦ୍ମାକର ଗୁରୁ, ଦେବେନ୍ଦ୍ର ମହାନ୍ତି, ବିସ୍ମୟ ମହାପାତ୍ର, ବାଙ୍କନିଧି ବେହେରା, କୈଳାସ ସାହୁ, ମହମ୍ମଦ ସାହାଦୁଲ୍ଲା, ପ୍ରଦ୍ୟୁମ୍ନ ଦାସ, ନାରାୟଣ ପାଢ଼ୀ, ସେକ୍ ସାହିଲ କାଦିର, ସୁବ୍ରତ ବେଉରା, ମହମ୍ମଦ ସାହାନଓ୍ୱାଜ, ଇଲିଆସ ଅଲ୍ଲି ଖାନ, ମନୋଜ ସାହୁ, ଉଷାରାଣୀ ବେହେରା, ରାଜ ଲାହା, ଆଶ୍ରଫ ଅଲ୍ଲୀ ଖାନ, ରାଜେଶ ପଣ୍ଡା, ହୃଦାନନ୍ଦ ସେଠୀ, ଦୀପକ ମହାପାତ୍ର, ସୟଦ ମଇଫୁଜ, ସଶିକାନ୍ତ ଜେନା, ମନୋଜ ସାହୁ, କାର୍ତିକେଶ୍ୱର କାଣ୍ଡି, ଜାନକୀ ମଲ୍ଲିକ, ସବିତା ଚାନ୍ଦ, ପ୍ରଶନ୍ନ କୁମାର ଧଳ, ଜ୍ୟୋତି ରନ ନାୟକ, ଶିଶିର ରଥ, ସୁଦର୍ଶନ ସାହୁ, ସାଗର ପରିଡ଼ା ପ୍ରମୁଖ ହଜାର ହଜାର କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ବୋଲି ଭାରତ ଯୋଡ଼ ଯାତ୍ରା -ଓଡ଼ିଶାନ୍ତର ମିଡିଆ ଇନଚାର୍ଜ ପ୍ରକାଶ ମିଶ୍ର ଜଣାଇଛନ୍ତି।

## ଦାରିଙ୍ଗବାଡି ବୁଡାଗୁଡାରେ ମାଓ ପୋଷ୍ଟର: ସରପଂଚଙ୍କୁ ହତ୍ୟା ଧମକ

କନ୍ଧମାଳ, (ପି.ଏନ): ଦୀର୍ଘ ଦିନ ପରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବୁଡାଗୁଡାର ବିଭିନ୍ନ ସ୍ଥାନରେ ଲାଗିଛି ମାଓ ପୋଷ୍ଟର। ଏଥିରେ ବୁଡ଼ାଗୁଡା ସରପଂଚ ତାତୁରା ପ୍ରଧାନଙ୍କୁ ଗୁଳି କରି ହତ୍ୟା କରାଯିବା ନେଇ ଉଲ୍ଲେଖ କରାଯାଇଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିପରି ଢେ ଡିମାହା-ଡା ବରୀବାନ୍ଧା ରାସ୍ତା କାମ ଦୀର୍ଘ ଦିନ ହେଲା ଚାଲିଥିଲେ ବି ସରୁନଥିବାରୁ ଏହି ରାସ୍ତା କାମ ଶିଘ୍ର ସାରିବା ଲାଗି ଚେତାବନୀ ଦିଆଯାଇଛି। ତେବେ ପୋଲିସ ଏଯାଏଁ ଘଟଣାସ୍ଥଳରେ ପହଂଚିନଥିବା ଜଣାପଡିଛି।

## ବରିଷ୍ଠ ନାଗରିକଙ୍କ ପୁଷ୍କରିଣୀ ସଫେଇ



ଭୁବନେଶ୍ୱର, (ପି.ଏନ): ପୁଷ୍କରିଣୀରେ ଡଙ୍ଗା ଭସା ପରେ ଅପରିଷ୍କାର ହୋଇପଡ଼ିଥିବାରୁ ରାଜଧାନୀର ଅଗ୍ରଣୀ ଅନୁଷ୍ଠାନ ହରିଓଁ କ୍ଲବ ପକ୍ଷରୁ ଏହାକୁ ସଫେଇ କରାଯାଇଥିଲା। ରାମେଶ୍ୱର ପୁଷ୍କରିଣୀରେ ଭାସୁଥିବା ଡଙ୍ଗା, କଦଳି ପାଟୁକା ଓ ବିଭିନ୍ନ ଅବର୍ଜନାକୁ ସଫା କରାଯାଇଥିଲା କ୍ଲବ୍‌ର ସଭାପତି ଦୁର୍ଗାମାଧବ ମିଶ୍ର, ପୂର୍ବତନ ସଭାପତି ରମାକାନ୍ତ ମହାନ୍ତି, କ୍ୟାପ୍‌ଟେନ୍ ମନ୍ମଥ କୁମାର ରାଉତରାୟ, ସମ୍ପାଦକ ବିଷ୍ଣୁ ପ୍ରସାଦ ମୁଦୁଲି, ଗୋପି ମୋହନ ପଟ୍ଟନାୟକ, ସୁଧିର ରନ ଜେନା, ଉଲ୍ଲାଶ ଚନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର ଦାଶ, ପ୍ରଶାନ୍ତ ଚନ୍ଦ୍ର ମହାପାତ୍ର, ପ୍ରସନ୍ନ ଚୌଧୁରୀ, ଧିରଜ ମହାପାତ୍ର, ଲିଙ୍ଗରାଜ ବେହେରା ଓ ବହୁ ବରିଷ୍ଠ ନାଗରିକଙ୍କ ସମେତ ଯୁବକମାନେ ସଫେଇରେ ସାମିଲ ହୋଇଥିଲେ।

# ଯାଜପୁରରେ ଜିଲ୍ଲାସ୍ତରୀୟ ବୋଇତବନ୍ଦାଣ ଉତ୍ସବ ପାଳିତ



ଯାଜପୁର,(ପି.ଏନ): ଯାଜପୁରର ଜଗନ୍ନାଥ ମନ୍ଦିର ବେଢ଼ା ସମ୍ମୁଖରେ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଆୟୋଜିତ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୀତାଜାଗରଣ ପରିଷଦର ସଭାପତି ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଉଦ୍‌ଘାଟକଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥିଭାବେ ଯାଜପୁର ପୌରପାଳିକାର ଅଧକ୍ଷା ରଞ୍ଜୁଲତା ହୋତ ମୁଖ୍ୟ

# ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ ପାଳନ



ନୂଆଦିଲ୍ଲୀ,(ପି.ଏନ): ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାସମାରୋହରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିବା ଜଣାଯାଇଛି। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବାସଂଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ସାମିଲ ହୋଇଥିବା ଦେଖାଯାଇଥିଲା। ଚଳିତ ବର୍ଷ ବିନା କୋଭିଡ କଟକଣା ମଧ୍ୟରେ ଏହି ପାର୍ବଣ ପାଳନ କରାଯାଉଥିବାରୁ ଉପସ୍ଥିତ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ଏହି ଉପଲକ୍ଷେ ବୋଇତ ବନ୍ଦାଣର ସ୍ଥାନ ମନ୍ଦିର ପାର୍ଶ୍ୱରେ ଥିବା ଫୁଆରା ତଥା ସମ୍ପୂର୍ଣ୍ଣ ମନ୍ଦିର ପରିସରକୁ ଖୁବ୍ ସୁନ୍ଦର ଭାବରେ ସଜ୍ଜାଯିବା ସହିତ ସମଗ୍ର ପରିବେଶ ଉତ୍ସବ ମୁଖର ହୋଇପଡ଼ିଥିବା ଲକ୍ଷ କରାଯାଇଥିଲା। ବଡ଼ିଭୋରରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଦିଅଁମାନଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ଫୁଆରାର ପୋଖରୀରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତଟିକୁ ପୂଜାରୀ ପୂଜା କରିବା ସାଙ୍ଗକୁ ଉପସ୍ଥିତ ମହିଳାମାନେ ବୋଇତର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେପରେ ମନ୍ଦିରର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନଙ୍କର ତତ୍ତ୍ୱାବଧାନରେ ଉପସ୍ଥିତ ଅତିଥିବୃନ୍ଦ ପାରମ୍ପରିକ ଢଙ୍ଗରେ "ଆ, କା, ମା, ବୈ ..." ଉଚ୍ଚାରଣ କରିବା ସହିତ ସୁଶୋଭିତ ବୋଇତଟିର ଯାତ୍ରାର ଶୁଭାରମ୍ଭ କରାଇଥିଲେ। ସମଗ୍ର ଗଗନ ପବନ ହରିବୋଲ, ହୁଳୁହୁଳି ଏବଂ ଶଙ୍ଖଧ୍ୱନୀ, ଭଜନ, କୀର୍ତ୍ତନର ସୁଲଳିତ ସ୍ୱର ଝଙ୍କାର ତଥା ଘଣ୍ଟ, ଝାଞ୍ଜ, କର୍ତ୍ତାଳ ଓ ମୃଦଙ୍ଗ ଆଦି ବାଦ୍ୟ ଯନ୍ତ୍ରର ଘୋର ଘର୍ଗର ନାଦରେ ପ୍ରକମ୍ପିତ ହୋଇଉଠିଥିବାବେଳେ ଓଡ଼ିଆଜାତିର ମାନ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ବୋଇତଟି ଫୁଆରାର ଚତୁଃପାର୍ଶ୍ୱରେ ପରିଭ୍ରମଣ କରିବାର ଦୃଶ୍ୟ ବେଶ୍ ନିଆରା ଓ ମର୍ମସ୍ପର୍ଶୀ ଥିଲା। ସତେଯେପରି ଏହା, ଓଡ଼ିଶାର ସୌର୍ଯ୍ୟ, ବୀର୍ଯ୍ୟ ଓ ଗାମ୍ଭିର୍ଯ୍ୟର ପ୍ରତିନିଧି ଭାବରେ ସାଧବ ପୁଅମାନଙ୍କର ସୁଦୂର ବାଲିଦ୍ୱୀପକୁ ବେପାର, ବାଣିଜ୍ୟ ପାଇଁ ଯାତ୍ରା କରୁଥିବା ଉପାଖ୍ୟାନର ସାଙ୍କେତିକ ରୂପାୟନ ଭଳି ମନେ ହେଉଥିଲା। ପରିସ୍ଥିତି ଓ ପରିବେଷ୍ଟନୀ, ଓଡ଼ିଶାର ସ୍ୱର୍ଣ୍ଣାଭ ନୌବାଣିଜ୍ୟର ଇତିହାସ, ମହାନ ସାମରିକ ପରମ୍ପରା ଏବଂ ମହନୀୟ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଢେରସାରା କାହାଣୀ ବଖାଣି ଚାଲିଥିବା ପରି ଲାଗୁଥିଲା। ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ତରଫରୁ ସ୍ୱାଦିଷ୍ଟ ହବିଷ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା। ସମଗ୍ର ବୋଇତ ବନ୍ଦାଣ ଉତ୍ସବକୁ ବିପୁଳ ଭାବରେ ସଫଳ କରାଇବାରେ ଶ୍ରୀ ନୀଳାଚଳ ସେବାସଂଘର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ସଦସ୍ୟବୃନ୍ଦ ଯଥା ବିଘ୍ନେଶ୍ୱର ରାଉତ, ଗଜେନ୍ଦ୍ର ସାମନ୍ତ, ଅଶୋକ ପ୍ରଧାନ (କ), ପଙ୍କଜ ମହାନ୍ତି, କ୍ଷୀରୋଦ ପାତ୍ର, ଜୀତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ଅଶୋକ ପ୍ରଧାନ (ଖ), ନୀଷିଦ୍ଧ କୁମାର ଦାସ, ରଙ୍କନିଧି ସାହୁ, ଅଭୟ ପ୍ରଧାନ ଓ ମନ୍ଦିର ପରିଚାଳକ ରଶ୍ମିରଞ୍ଜନ ବେହେରା ପ୍ରମୁଖଙ୍କର ଭୂମିକା ବେଶ୍ ଉଲ୍ଲେଖଯୋଗ୍ୟ ଥିଲା।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray